

## ସିଟି କଟକ

# 'ହେପାଜତ ମୃତ୍ୟୁ'କୁ ନେଇ ପୁଲିସର ତତ୍ପରତା

**୨ ମାସରେ ତଦନ୍ତ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ● ପୁଲିସ ମୁଖ୍ୟାଳୟରୁ କଟକ ୟୁପିଡିକୁ ନୋଟିସ**



କଟକ,୧୫ ।୨(ସମିସ): ପୁଲିସ ହେପାଜତରେ ମୃତ୍ୟୁ ମାମଲାକୁ ତୁରନ୍ତ ସମାଧାନ କରି ରିପୋର୍ଟ ଦାଖଲ କରିବାକୁ ପୁଲିସ ମୁଖ୍ୟାଳୟରୁ କଟକ ୟୁପିଡିକୁ ନୋଟିସ ଦିଆଯାଇଛି। ୨ମାସ ମଧ୍ୟରେ ଥାନାୱାରୀ ପଡ଼ି ରହିଥିବା ପୁଲିସ ହେପାଜତ ମୃତ୍ୟୁ ମାମଲାର ତଦନ୍ତ ଶେଷ କରିବାକୁ କୁହାଯାଇଛି। ଏହି ନିର୍ଦ୍ଦେଶ ଆସିବା ପରେ ପୁଲିସ କମିଶନର ଏସ୍ ଦେବଦତ୍ତ ସିଂହ ୪ଟି ଥାନାକୁ ତାଗିଦ କରିଛନ୍ତି। ସେ କହିଛନ୍ତି, ତୁରନ୍ତ ହେପାଜତ ମୃତ୍ୟୁ ମାମଲାଗୁଡ଼ିକର ତଦନ୍ତ ଶେଷ କରି, ରିପୋର୍ଟ ପ୍ରଦାନ କରାଯିବ। ପୂର୍ବରୁ ବର୍ଷ ବର୍ଷ ଧରି ପଡ଼ି ରହିଥିବା ମାମଲା ଗୁଡ଼ିକ ସମାଧାନ କ୍ଷେତ୍ରରେ କମିଶନରେଟ୍ ପୁଲିସ ତତ୍ପରତା ଦେଖାଇବା ସହିତ ସାଧାରଣ ଜନତାଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରାଯାଉଛି ବୋଲି ପୁଲିସ କମିଶନର ଶ୍ରୀ ସିଂ ପ୍ରକାଶ କରିଛନ୍ତି।

ପୁଲିସ ସୂଚନା ଅନୁସାରେ, ୨୦୨୧ ମସିହା ମେ' ୨୩ତାରିଖରେ ସିଡିଏ ଫେଜ୍-୨ ଥାନାରେ ଏକ ସଂଗୀନ ମାମଲାରେ ଜଣେ ଅଭିଯୁକ୍ତକୁ ଗିରଫ କରାଯାଇଥିଲା। ପୁଲିସ ଉକ୍ତ ଅଭିଯୁକ୍ତକୁ ଗିରଫ କରି ଥାନାକୁ ନେବା ବାଟରେ ପିସିଆର୍ ଭ୍ୟାନ୍‌ରୁ ଅଭିଯୁକ୍ତ ଜଣକ ଡେଇଁ ପଡ଼ିଥିଲେ। ପିସିଆର୍ ଦ୍ରୁତ ଗିତରେ ଗଡୁଥିବା ବେଳେ ଅଭିଯୁକ୍ତ ଜଣକ ହାତରେ ହ୍ୟାଣ୍ଡକପ୍ ଥାଇ ସୁଦ୍ଧା ଗାଡିରୁ ଡେଇଁବାରୁ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ଫେଜ୍-୨ଥାନା ପୁଲିସ ତୁରନ୍ତ ଏସସିବି ମେଡିକାଲରେ ଭର୍ତ୍ତି କରିଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ମଙ୍ଗଳାବାଗ ଥାନାରେ ଏହି ହେପାଜତ ମୃତ୍ୟୁ ସଂକ୍ରାନ୍ତୀୟ ମାମଲା ୨୬ ତାରିଖରେ ରୁଜୁ କରାଯାଇଥିଲା। ସେହିପରି ଚାଉଳିଆଗଞ୍ଜ ଥାନାରେ ୨୦୨୨ ମସିହା ମାର୍ଚ୍ଚ ୧୭ ତାରିଖରେ ଏକ ହେପାଜତ ମୃତ୍ୟୁ ମାମଲା ରୁଜୁ ହୋଇଥିଲା। ୧୩ ତାରିଖରେ କଟକ-ପରାଦ୍ୱୀପ ରାସ୍ତାରେ ୨ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହେଉଥିବା ବେଳେ ପୁଲିସ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିଥିଲା। ବିଶୃଙ୍ଖଳାକାରୀଙ୍କ ମଧ୍ୟରୁ ବିକାଶ ଗୋଚ୍ଛାୟତ ନାମକ ଜଣେ ଯୁବକକୁ ଚାଉଳିଆଗଞ୍ଜ ଥାନା ପୁଲିସ ପିସିଆର୍‌ରେ ଆଣି ବୁଝାସୁଝା କରିବା ପରେ ଗୋଶାଳା କେନାଲ୍ ରୋଡ୍‌ରେ ଛାଡି ଦେଇଥିଲା। କିନ୍ତୁ ବିକାଶ ଘରକୁ ନ ଯାଇ କେଉଁ ଆଡେ ନିଖୋଜ ହୋଇଯାଇଥିଲେ। ଏହାର ଦିନ ପରେ ସ୍ଥାନୀୟ ଏକ ଡ୍ରେନ୍‌ରୁ ବିକାଶଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା।

ତାଙ୍କ ମା'ଙ୍କ ଅଭିଯୋଗ ଅନୁସାରେ, ପୁଲିସ ହିଁ ବିକାଶକୁ ମାରି ଦେଇଛି ବୋଲି ଏକ ମାମଲା ହୋଇଥିଲା। ଏହି ମାମଲାର ତଦନ୍ତ ଏପର୍ଯ୍ୟନ୍ତ ଚାଲିଛି। ଅନ୍ୟପଟେ ୨୦୨୩ ମସିହା ଜୁଲାଇ ୨୦ ତାରିଖରେ କ୍ୟାଣ୍ଟନମେଣ୍ଟ ଥାନା ପୁଲିସ ଅଭିଯୁକ୍ତ ଶଙ୍କର୍ଷଣ ବେହେରା ଓରଫ୍ ବବୁଲୁଙ୍କୁ ଗିରଫ କରିଥିଲା। ସେ ଥାନା ହାଜତ ଭିତରେ ଥିବା ବେଳେ ଏସ୍ଆଇ ଡି.କେ ମହାନ୍ତି ତାଙ୍କୁ ଜେରା କରୁଥିଲେ। ଜେରା ସମୟରେ ଅଭିଯୁକ୍ତ ବବୁଲୁ ହାଜତ୍ ଭିତରୁ ଖସିଯାଇ ମହାନଦୀକୁ ଡେଇଁ ପଡ଼ିଥିଲେ। ଜଗତପୁର ଥାନା ପୁଲିସ ତାର ଶବକୁ ଯୋବ୍ରା ଠାରେ ଠାବ କରିବା ପରେ ଏକ ପୁଲିସ ହେପାଜତ୍ ମୃତ୍ୟୁ ମାମଲା ରୁଜୁ କରିଥିଲା। ଏହି ମାମଲାର ତଦନ୍ତ ମଧ୍ୟ ଏଯାବତ୍ ଶେଷ ହୋଇନାହିଁ। ୨୦୧୬ ମସିହା ଡିସେମ୍ବର ୧୧ତାରିଖରେ ମଙ୍ଗଳାବାଗ ଥାନାରେ ଏକ ହେପାଜତ ମୃତ୍ୟୁ ମାମଲା ପଞ୍ଜିକରଣ କରାଯାଇଥିଲା। ୨୦୧୬ ଡିସେମ୍ବର ୬ ତାରିଖରେ ନରସିଂହପୁର ଥାନା ପୁଲିସ ଅଭିଯୁକ୍ତ ସରୋଜ ସେନାପତି ଓରଫ୍ ଆକୁଳାକୁ ଗିରଫ କରିବା ବେଳେ ଶାରିରୀକ ନିର୍ଯାତନା ଦେଇଥିଲେ। ଏଏସଆଇ ଭଗବାନ ସାହୁ ଓ ଜଣେ ହୋମଗାର୍ଡଙ୍କ ମାଡରେ ଆକୁଳା ଗୁରୁତର ହୋଇଥିଲେ। ତାଙ୍କୁ ଚିକିତ୍ସା ନିମନ୍ତେ ନରସିଂହପୁର ଥାନାରୁ ଏସ୍‌ସିବି ମେଡିକାଲ ଅଣାଯାଇଥିଲା। ପୁଲିସ ହେପାଜତରେ ଚିକିତ୍ସାଧୀନ ଅବସ୍ଥାରେ ଆକୁଳାଙ୍କ ମୃତ୍ୟୁ ଘଟିଥିଲା। ୨୦୧୯ ମସିହା ମାର୍ଚ୍ଚ ୯ ତାରିଖରେ ଚନ୍ଦକା ଥାନା ଅନ୍ତର୍ଗତ ଭଗବତୀପୁର ଅଞ୍ଚଳର ପୁଷ୍ପ ବେହେରା(୫୫) ଏକ ଅବକାରୀ ମାମଲାରେ ଗିରଫ ହୋଇଥିଲେ। ପୁଲିସ ହେପାଜତ୍‌ରେ ଥିବା ବେଳେ ତାଙ୍କୁ ମାଡ ମରାଯିବା ଦ୍ୱାରା ସେ ଗୁରୁତର ହୋଇଥିଲେ। ତୁରନ୍ତ ଚନ୍ଦକା ଥାନା ପୁଲିସ ପୁଷ୍ପଙ୍କୁ ଏସ୍‌ସିବିରେ ଭର୍ତ୍ତି କରିଥିଲା। ପୁଲିସ ହେପାଜତ୍‌ରେ ଥିବା ପୁଷ୍ପଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ଏନେଇ ଏକ ପୁଲିସ ହେପାଜତ ମୃତ୍ୟୁ ମାମଲା କରାଯାଇଥିଲା। ଏସବୁ ହାଜତ ମୃତ୍ୟୁ ଘଟଣାର ତଦନ୍ତ ଶେଷ କରିବାକୁ ପୁଲିସ ମୁଖ୍ୟାଳୟରୁ କଟକ ୟୁପିଡିକୁ ନିର୍ଦ୍ଦେଶ ଦିଆଯାଇଛି।

## ଓଲଟିଲା ଟ୍ରାକ୍ଟର; ବର୍ତ୍ତିଲେ ଚାଳକ

ତ୍ରିଶୂଳିଆ,୧୫ ।୨(ସମିସ): ବାରଙ୍ଗ ବ୍ଲକ ଛକ ମୁଖ୍ୟରାସ୍ତା ଉପରେ ଶନିବାର ଅପରାହ୍ନ ୨ଟା ପାଖାପାଖିରେ ଏକ ନଡ଼ା ବୋଝେଇ ଟ୍ରାକ୍ଟର ଓଲଟି ପଡ଼ିଥିଲା। ଟ୍ରାକ୍ଟରଟି ନଡ଼ା ବୋଝେଇ କରି କେନାଲ ବନ୍ଧ ରାସ୍ତାରେ ଆସୁଥିବା ସମୟରେ ବ୍ଲକ ଛକ ନିକଟ ବାରଙ୍ଗ ମୁଖ୍ୟରାସ୍ତାକୁ ଆସୁଥିବା ବେଳେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଅତ୍ୟଧିକ ଲୋଡ଼ିଂ ଯୋଗୁଁ ଗାଡିଟି ଓଲଟି ପଡିବାରୁ ଯାତାୟାତରେ ବାଧା ସୃଷ୍ଟି ହୋଇଥିଲା। ବାରଙ୍ଗ ଥାନା ପୁଲିସ ଭିଡ଼ ନିୟନ୍ତ୍ରଣ କରିବା ସହ ଏକ ଜେସିବିରେ ଟ୍ରାକ୍ଟରକୁ ଉଠାଇବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ଅନ୍ୟପଟେ ଗାଡି ଓଲଟି ପଡିବା ପରେ ସୌଭାଗ୍ୟବଶତଃ ଚାଳକ ଜଣକ ଅଳ୍ପକେ ବର୍ତ୍ତି ଯାଇଥିବାର ଜଣାପଡିଛି।



## ମଦ ବୋଝେଇ କାର୍ ସହ ୨ ଗିରଫ




ତ୍ରିଶୂଳିଆ,୧୫।୨(ସମିସ): ଦେଶୀମଦ ଚାଲାଣ ବେଳେ ଏକ କାରକୁ ଫିଲ୍ମ ଷ୍ଟାଇଲରେ ଧରିଛି ବାରଙ୍ଗ ପୁଲିସ। ଦାମୀ କାର ଭିତରୁ ୨୧୦ ଲିଟର ମଦ ଜବତ କରିବା ସହ ଦୁଇଜଣଙ୍କୁ ଗିରଫ କରୁଛି। ଗିରଫ ଦୁଇଜଣ ହେଉଛନ୍ତି ଆଠଗଡ଼ ଥାନା ଅନ୍ତର୍ଗତ ଜେନାପଦା ଅଞ୍ଚଳର ପ୍ରକାଶ କୁମାର ନାୟକ ଓ ଅସିତ ରଞ୍ଜନ ସ୍ୱାଇଁ। ଖବର ପାଇ ବାରଙ୍ଗ ଥାନା ପୁଲିସ ମୁଣ୍ଡଳୀ ବ୍ରିଜ ନିକଟରେ ଜଗି ରହିଥିଲା। ଓଡି ୦୫ ବିଆର ୧୪୧୪ କାରରେ ଦୁଇ ଜଣ ବ୍ୟକ୍ତି ଆସୁଥିଲେ। କାର ଆସିବା ପୂର୍ବରୁ ମୁଣ୍ଡଳୀ ବ୍ରିଜ ଅପରପାଶ୍ୱର୍ କିଛିଦୂର ରାସ୍ତା ଉପରେ ପୁଲିସ ଏକ ଟ୍ରାକ୍ଟର ରଖିଦେଇଥିଲା। ଫଳରେ କାରଟି ଆଗକୁ ଯାଇ ନ ପାରି ଅଟକି ରହିଥିଲା। ତଲାସୀ ସମୟରେ କାର ଭିତରୁ ୬ଟି ବ୍ଲାଡରରେ ଥିବା ୨୧୦ ଲିଟର ଦେଶୀମଦ ଜବତ ହୋଇଥିଲା। ଦେଶୀମଦ ଆଠଗଡ଼ରୁ ଭୁବନେଶ୍ୱର ଚାଲାଣ ହେଉଥିଲା। ଦେଶୀମଦ ଚାଲାଣ ପାଇଁ ମଦ ବେପାରୀମାନେ ଭିନ୍ନ ଭିନ୍ନ କୌଶଳ ଆପଣାଉଛନ୍ତି। ଦାମୀ କାରରେ ମଦ ଚାଲାଣ କଲେ ପୁଲିସର ସନ୍ଦେହରେ ଆସିବ ନାହିଁ ମନେ କରି ମାଫିଆମାନେ ବେଧଡକ ଭାବେ ଚୋରା ଚାଲାଣ କରୁଛନ୍ତି।

## ଥାନା ନିକଟରୁ ବୃଦ୍ଧଙ୍କୁ ଲୁଟ୍

ତ୍ରିଶୂଳିଆ,୧୫।୨(ସମିସ): ବାରଙ୍ଗ ଥାନା ନିକଟସ୍ଥ ଷ୍ଟେସନ ବଜାର ଉପରୁ ସ୍ୱଷ୍ଟ ଦିବାଲୋକରେ ବୃଦ୍ଧଙ୍କଠାରୁ ଦୁଇ ଲକ୍ଷ ଟଙ୍କା ଲୁଟ ହୋଇଥିବା ନେଇ ବାରଙ୍ଗ ଥାନାରେ ଅଭିଯୋଗ ହୋଇଛି। ଘଟଣାସ୍ଥଳରୁ ପ୍ରକାଶ ଯେ, ଶନିବାର ଦିନ ସାଢ଼େ ୧୨ଟା ସମୟରେ ଚଣ୍ଡୀ ପ୍ରସାଦ ଗ୍ରାମର ନିରଞ୍ଜନ ବେଉରା ବାରଙ୍ଗ ବ୍ଲକ ସମ୍ମୁଖରେ ଥିବା ୟୁକୋ ବ୍ୟାଙ୍କରୁ ୨ ଲକ୍ଷ ୩୫ ହଜାର ଟଙ୍କା ଉଠାଇଥିଲେ। ସବୁ ଟଙ୍କା ସାଙ୍ଗରେ ଆଣିଥିବା ବ୍ୟାଗ ଭିତରେ ରଖି ମୋଟର ସାଇକଲରେ ନିଜ ଘର ଚଣ୍ଡୀପ୍ରସାଦକୁ ଫେରିବା ସମୟରେ ବାରଙ୍ଗ ଥାନା ନିକଟ ଷ୍ଟେସନ ବଜାରରୁ ଏକ ଗ୍ରୋସରୀ ଦୋକାନରୁ ଏକ ତେଲ ଟିଣ ଆଣିବା ବେଳେ କେହି ଅଜଣା ବ୍ୟକ୍ତି ଟଙ୍କା ବ୍ୟାଗକୁ ଲୁଟ୍ କରିନେଇଥିଲେ। ସ୍ଥାନୀୟ ଲୋକମାନେ ପୁଲିସକୁ ସୂଚନା ଦେବା ପରେ ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ୧୪ ବୁଲେଟ୍ ଜବତ

କଟକ,୧୫ ।୨(ସମିସ): ବିକଟାଳ ଶବ୍ଦ ସୃଷ୍ଟି କରୁଥିବା ବାଇକରୁ ସାଇଲେନ୍ସର ଖୋଲିବା ପ୍ରକ୍ରିୟା ଟ୍ରାଫିକ ପୁଲିସ ଜାରି ରଖିଛି। ଏହିକ୍ରମରେ ଆଜି ଟ୍ରାଫିକ ପୁଲିସ ଟିମ ପର୍ଯ୍ୟାୟକ୍ରମେ ମଧୁପାଟଣା ଓ ପ୍ରେସ ଛକ ନିକଟରେ ଜଗିରହି ଅମାନିଆ ଚାଳକଙ୍କୁ କାବୁ କରିବା ସହିତ ସେମାନଙ୍କ ବୁଲେଟ୍‌କୁ ଜବତ କରିଥିଲା। ସେସବୁ ବାଇକ୍‌ରେ ବିକଟାଳ ଶବ୍ଦ ସୃଷ୍ଟିକାରୀ ସାଇଲେନ୍ସର ଲାଗିଥିଲା। ରାତି ସାଢେ ୧୦ଟା ସୁଦ୍ଧା ପ୍ରାୟ ୧୪ଟି ଗାଡି ଜବତ କରାଯିବା ସହିତ ସାଇଲେନ୍ସର କାଢି ଦିଆଯାଇଛି। ଏହାକୁ ନେଇ କେତେକ ଗାଡି ଚାଳକ ଓ ପୁଲିସ କର୍ମଚାରୀଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଥିଲା। ପୁଲିସ ଚାଳକମାନଙ୍କଠାରୁ ଜରିମାନା ଆଦାୟ କରି ଗାଡିଗୁଡିକୁ ଛାଡିଛି।

## ଏଆଇୟୁଟିୟୁସିର ବିକ୍ଷୋଭ




କଟକ,୧୫ ।୨(ସମିସ): ଏଆଇୟୁଟିୟୁସି ପକ୍ଷରୁ ଦେଶବ୍ୟାପୀ ପ୍ରତିବାଦ ସପ୍ତାହ ଡକରାରେ ଶ୍ରମଜୀବୀ ଜନସାଧାରଣଙ୍କ ବିଭିନ୍ନ ଦାବି ନେଇ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଶ୍ରମିକଙ୍କ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ଏଆଇୟୁଟିୟୁସିର ଜିଲ୍ଲା ସଂପାଦକ ରାଜକିଶୋର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଏସ୍ୟୁସିଆଇଆଇ ଜିଲ୍ଲା ସଭାପତି ଖଗେଶ୍ୱର ସେଠୀ, ସଂପାଦକ ବିଶ୍ୱାବସୁ ଦାସ, ନେତା ସୌଭାଗ୍ୟ ସାମଲ, ପରମାନନ୍ଦ ସେଠୀ, ଭାଗିରଥୀ ଭୋଇ, ରେଣୁବାଳା ମହାରଣା, ମାନଗୋବିନ୍ଦ ପଣ୍ଡା, ଲାବଣ୍ୟପ୍ରଭା ଦାସ ଓ ସୁକାନ୍ତ ନାୟକ ପ୍ରମୁଖ ଯୋଗଦେଇଥିଲେ। ଶ୍ରମିକ-କର୍ମଚାରୀ ବିରୋଧୀ ୪ଟି ଶ୍ରମ କୋଡ ଓ କଳା ଆଇନ ପ୍ରତ୍ୟାହାର କରିବା, ଦୈନିକ କାର୍ଯ୍ୟ ନିର୍ଘଣ୍ଟ ୮ ଘଣ୍ଟାରୁ ୧୨ ଘଣ୍ଟାକୁ ବୃଦ୍ଧି ପ୍ରସ୍ତାବ ବନ୍ଦ କରିବା, ଆଉଟସୋର୍ସିଂ ଶ୍ରମିକଙ୍କୁ ସ୍ଥାୟୀ ନିଯୁକ୍ତି ଦେବା, ବିଦ୍ୟୁତ ସଂଶୋଧନ ବିଲ୍-୨୦୨୨କୁ ପ୍ରତ୍ୟାହାର କରିବା, ସର୍ବନିମ୍ନ ମଜୁରୀ ୨୮ ହଜାର ଟଙ୍କା ନିର୍ଦ୍ଧାରଣ କରିବା ପ୍ରମୁଖ ୨୬ ଦଫା ଦାବି ସମ୍ବଳିତ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ପଠାଯାଇଛି।

## କମିସନରେଟ୍ ପୁଲିସରେ ଅଦଳବଦଳ

ଭୁବନେଶ୍ୱର,୧୫।୨(ସମିସ): କମିସନରେଟ୍ ପୁଲିସରେ ଏସିପି ଓ ଇନ୍ସପେକ୍ଟରସ୍ତରରେ ଅଦଳବଦଳ ହୋଇଛି। ଅତିରିକ୍ତ ଡିସିପି ସୁନାରାମ ହେମ୍ବ୍ରମଙ୍କୁ ଭୁବନେଶ୍ୱର ଜୋନ୍ ୧ର ଇନ୍‌ଚାର୍ଜ ଏସିପି ଭାବେ ଦାୟିତ୍ୱ ଦିଆଯାଇଥିବା ବେଳେ ଜୋନ୍ ୫ ଏସିପି ମାନସ କୁମାର ଦେଓଙ୍କୁ କଟକ ସହରାଞ୍ଚଳ ପୁଲିସ ଜିଲ୍ଲା (ୟୁପିଡି)କୁ ବଦଳି ହୋଇଛି। ସିପି ଅଫିସରେ କାର୍ଯ୍ୟରତ ଏସିପି ବିଭୂତିଭୂଷଣ ମହାପାତ୍ରଙ୍କୁ ଭୁବନେଶ୍ୱର ଜୋନ୍ ୫ ଏସିପି ଭାବେ ଅବସ୍ଥାପିତ କରାଯାଇଛି। ସେପଟେ କଟକ ୟୁପିଡିରେ କାର୍ଯ୍ୟରତ ଇନ୍ସପେକ୍ଟର ସନ୍ତୋଷିନୀ ବେହେରାଙ୍କୁ ଭୁବନେଶ୍ୱର ସାଇବର ଥାନା ଅଧିକାରୀ ଭାବେ ବଦଳି କରାଯାଇଛି। ଭୁବନେଶ୍ୱର ସାଇବର ଥାନା ଅଧିକାରୀ ତେରେସ୍କୋଭା ମହାପାତ୍ରଙ୍କୁ କଟକ ୟୁପିଡିକୁ ବଦଳି କରାଯାଇଛି। ପୁଲିସ କମିସନର ସୁରେଶ ଦେବଦତ୍ତ ସିଂଙ୍କ ଦସ୍ତଖତ ସମ୍ବଳିତ ପ୍ରେସ୍ ବିଜ୍ଞପ୍ତିରେ ଏହା ଜଣାଇ ଦିଆଯାଇଛି। ସେପଟେ ଟ୍ରାଫିକ୍ ଏସିପି ଉମାକାନ୍ତ ପ୍ରଧାନ ଅନୁପସ୍ଥିତ ଥିବାରୁ ତାଙ୍କ ସ୍ଥାନରେ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍‌ରେ କାର୍ଯ୍ୟରତ ଏସିପି (ସଶସ୍ତ୍ର) ଶାଶ୍ୱତ ଆଚାର୍ଯ୍ୟଙ୍କୁ ଇନ୍‌ଚାର୍ଜ ଟ୍ରାଫିକ୍ ଏସିପି ଭାବେ ଅବସ୍ଥାପିତ କରାଯାଇଛି। ଶ୍ରୀ ଆଚାର୍ଯ୍ୟ ନିଜ ଦାୟିତ୍ୱ ସହିତ ଆସନ୍ତା ୧୬ରୁ ୧୯ ତାରିଖ ପର୍ଯ୍ୟନ୍ତ ଟ୍ରାଫିକ୍ ଏସିପି ଭାବେ ଅତିରିକ୍ତ ଦାୟିତ୍ୱରେ ରହିବେ ବୋଲି ଟ୍ରାଫିକ୍ ଡିସିପି ତପନ କୁମାର ମହାନ୍ତିଙ୍କ ପକ୍ଷରୁ ପ୍ରକାଶ।

## ବାଇକ୍‌କୁ ଧକ୍କା ଦେଇ କେନାଲକୁ ପଶିଲା କାର୍



ତ୍ରିଶୂଳିଆ,୧୫।୨(ସମିସ): ବାରଙ୍ଗ ଥାନା ଅନ୍ତର୍ଗତ ପୁରୀ ମୁଖ୍ୟ କେନାଲ ବନ୍ଧ ରାସ୍ତାରେ ଭାରସାମ୍ୟ ହରାଇ ବାଇକକୁ ଧକ୍କା ଦେଇ ଓଲଟି ପଡ଼ିଲା କାର। ଅଳ୍ପକେ ବର୍ତ୍ତିଗଲେ ଚାଳକ। ଶନିବାର ସଂଧ୍ୟା ସମୟରେ ଗୋଡିସାହିରୁ ବାରଙ୍ଗ ଅଭିମୁଖେ ପୁରୀ ମୁଖ୍ୟ କେନାଲ ବନ୍ଧ ରାସ୍ତାରେ ଯାଉଥିବା ବେଳେ ମଧୁବନ ହନୁମାନ ବାଟିକା ସମ୍ମୁଖରେ ଏହି ଅଘଟଣ ଘଟିଛି। କାର ଚାଳକ ଅକ୍ଷତ ଅବସ୍ଥାରେ ବାହରକୁ ଆସିଥିଲେ। ବାରଙ୍ଗ ପୁଲିସ ଗାଡ଼ି ଦୁଇଟିକୁ ଜବତ କରିଛି।

### କୁଷ୍ଠାଶ୍ରମ କଲୋନୀରେ ହତ୍ୟାକାଣ୍ଡ

## ଜେଲ୍ ଗଲା ଅଭିଯୁକ୍ତ

କଟକ,୧୫ ।୨(ସମିସ): ସାମାନ୍ୟ ବଚସାରୁ ପଡୋଶୀ ମହିଳାଙ୍କୁ ପନିକି ହାଣି ହତ୍ୟା ଘଟଣାରେ ଅଭିଯୁକ୍ତ ସନ୍ତୋଷ ସିହ୍ନା ଚୌଦ୍ୱାର ଜେଲ ଯାଇଛି। ଗତକାଲି ଏଭଳି ଜଘନ୍ୟ କାଣ୍ଡ ଗାନ୍ଧୀପଲ୍ଲୀସ୍ଥିତ କୁଷ୍ଠାଶ୍ରମ କଲୋନୀରେ ଘଟିଥିଲା। ମୃତକ ଜଣକ ହେଲେ ପ୍ରିୟତମା ଦଳାଇ(୩୬)। କୁଷ୍ଠାଶ୍ରମ କଲୋନୀରେ ୨ ପଡୋଶୀ ଭାବେ ସମୀର ଓ ଅଭିଯୁକ୍ତ ସନ୍ତୋଷଙ୍କ ପରିବାର ରହୁଥିଲେ। ଶୁକ୍ରବାର ସକାଳ ସାଢେ ୧୧ଟା ସମୟରେ ପ୍ରିୟତମା ନିଜ ଘର ନିକଟରେ ଛିଡା ହୋଇଥିଲା ବେଳେ ପୂର୍ବ ଶତ୍ରୁତା କାରଣରୁ ସନ୍ତୋଷ ଆସି ଗାଳିଗୁଲଜ କରିଥିଲା। ଯୁକ୍ତିତର୍କ ଭିତରେ ସନ୍ତୋଷ ଏକ ଭଙ୍ଗା ପନିକିରେ ପ୍ରିୟତମାଙ୍କ ମୁଣ୍ଡ ଓ ବେକକୁ ଚୋଟ ପକାଇଥିଲା। ପାଖରେ ଛିଡା ହୋଇଥିବା ସନ୍ତୋଷର ମା' ବିଜୁଳିରାଣୀ ତାକୁ ଅଟକାଇବାକୁ ଆସି ପନିକି ଚୋଟର ଶିକାର ହୋଇଥିଲେ। ଏହି ଘଟଣା ପରେ ସିଆରଆରଆଇ ଥାନା ପୁଲିସ ଏକ ହତ୍ୟାକାଣ୍ଡ ମାମଲା ରୁଜୁ କରିଥିଲା। ଜାମିନ ଆବେଦନ ଖାରଜ ହୋଇଯିବାରୁ ତାକୁ ଚୌଦ୍ୱାର ଜେଲକୁ ପଠାଇ ଦିଆଯାଇଛି। ଅଭିଯୁକ୍ତର ପନିକି ଚୋଟରେ ଗୁରୁତର ହୋଇ ତାର ମା' ବିଜୁଳିରାଣୀ ମେଡିକାଲରେ ଚିକିତ୍ସାଧୀନ ରହିଛନ୍ତି।

## ପଞ୍ଚମ କାଶ୍ମୀର ଯୁବବିନିମୟ କାର୍ଯ୍ୟକ୍ରମ ଉଦ୍‌ଘାଟିତ




କଟକ,୧୫ ।୨(ସମିସ): ଭାରତ ହେଉଛି ବିଶ୍ୱର ସବୁଠାରୁ ବଡ଼ ଗଣତନ୍ତ୍ର। ବିଭିନ୍ନ ଧାର୍ମିକ, ସଂସ୍କୃତି ଏବଂ ଭାଷାଭିତ୍ତିକ ବ୍ୟକ୍ତିଙ୍କ ସମେତ ବିଭିନ୍ନ ବର୍ଗ ହିମାଳୟଠାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ଏହି ଦେଶରେ ବାସ କରନ୍ତି। ଏହି ବିବିଧତା ପରିପେକ୍ଷୀରେ ଆଜି କଟକ ନେତାଜୀ ବସ ଟର୍ମିନାଲରେ ପଞ୍ଚମ କଶ୍ମିରୀ ଯୁବ ବିନିମୟ କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି। କଟକ ସାଂସଦ ଭର୍ତ୍ତୃହରି ମହତାବ ମୁଖ୍ୟଅତିଥି, ସଦର ବିଧାୟକ ପ୍ରକାଶ ସେଠୀ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ କାର୍ଯ୍ୟକ୍ରମରେ ପୌରହିତ୍ୟ କରିଥିଲେ। ଡିସିପି ଜଗମୋହନ ମୀନା ନିଜର କାଶ୍ମୀର ଅନୁଭୂତି ବିଷୟରେ କହିଥିଲେ। ଗୃହ ମନ୍ତ୍ରଣାଳୟ, ଭାରତ ସରକାର ଏବଂ କଟକ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନରେ ଥିବା ନେହେରୁ ଯୁବାକେନ୍ଦ୍ର କଟକ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମ ୧୫ରୁ ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। କଶ୍ମୀର ଉପତ୍ୟକା ଅଞ୍ଚଳରୁ ୬ଟି ବିଭିନ୍ନ ଜିଲ୍ଲାର ପ୍ରାୟ ୧୩୨ ଅଂଶଗ୍ରହଣକାରୀ ଏହି କଶ୍ମିରୀ ଯୁବ ବିନିମୟ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। ନେହରୁ ଯୁବା କେନ୍ଦ୍ର କଟକ ଜିଲ୍ଲା ଯୁବ ଅଧିକାରୀ ବିପିନ କୁମାର ଧନ୍ୟବାଦ ଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତି ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ନୂତନ ଜି-୬ କୋଠାରେ ବହିର୍ବିଭାଗ କାର୍ଯ୍ୟକ୍ଷମ

କଟକ,୧୫ ।୨(ସମିସ): ଶିଶୁଭବନରେ ନୂତନ ଜି-୬ କୋଠାରେ ବହିର୍ବିଭାଗ ଆଜିଠାରୁ କାର୍ଯ୍ୟକାରୀ ହୋଇଛି। ନୂତନ କୋଠାର ଗ୍ରାଉଣ୍ଡଫ୍ଲୋରରେ ଆଜି ସକାଳ ୯ଟାରୁ ମେଡିସିନ ଓ ସର୍ଜରୀ ଦୁଇଟି ବହିର୍ବିଭାଗରେ ଶିଶୁରୋଗୀଙ୍କୁ ଡାକ୍ତର ଦେଖିଛନ୍ତି। ପୂର୍ବରୁ ପୁରୁଣା କୋଠାରେ ଗୋଟିଏ କିମ୍ବା ୨ଟି କକ୍ଷରେ ଡାକ୍ତର ରୋଗୀ ଦେଖୁଥିବା ବେଳେ ନୂତନ କୋଠାରେ ମେଡିସିନ ବହିର୍ବିଭାଗ ନିମନ୍ତେ ୧୦ଟି ଡାକ୍ତରଙ୍କ କକ୍ଷ କରାଯାଇଛି। ସେଥିମଧ୍ୟରୁ ପ୍ରଥମ ଦିନରେ ୬ଟି କକ୍ଷରେ ରୋଗୀ ଦେଖିଛନ୍ତି ଡାକ୍ତର। ସେହିପରି ସର୍ଜରୀ ବହିର୍ବିଭାଗରେ ସମୁଦାୟ ୪ଟି ଡାକ୍ତରଙ୍କ କକ୍ଷ କରାଯାଇଛି। ପ୍ରଥମ ଦିନରେ ଗୋଟିଏ କକ୍ଷରେ ରୋଗୀ ଦେଖା ଚାଲିଛି। ଏହାସହ ରୋଗୀ ଦେଖା ନିମନ୍ତେ ନୂତନ ୮ଟି ଟିକେଟ୍ କାଉଣ୍ଟର, ଫାର୍ମାସି ବା ଔଷଧ ବିକ୍ରୟ କେନ୍ଦ୍ର, ପିଇବା ପାଣି ସୁବିଧା, ପ୍ରତୀକ୍ଷା ସୁବିଧା ବା ବସିବା ସୁବିଧା କରାଯାଇଛି। ନୂତନ କୋଠାର କାର୍ଯ୍ୟ ଜାରି ରହିଥିବାବେଳେ କୋଠାକୁ ପ୍ରବେଶ କରୁଥିବା କର୍ମଚାରୀଙ୍କର ଏକ ତାଲିକା ରଖାଯାଉଛି ଏବଂ ସ୍ଥାନୀୟ ଲାଲବାଗ ଥାନାର ପୁଲିସ କର୍ମଚାରୀ ଏନେଇ ନଜର ରଖୁଛନ୍ତି। ତେବେ ନୂତନ କୋଠାରେ ବହିର୍ବିଭାଗ ଡାକ୍ତର ଦେଖାଇ ପୁରୁଣା କୋଠାରେ ଶିଶୁରୋଗୀଙ୍କ ସମସ୍ତ ପରୀକ୍ଷା ନିରୀକ୍ଷା କରାଯାଉଛି। ଏନେଇ ଶିଶୁରୋଗୀ ସମ୍ପର୍କୀୟ ଆଶୁତୋଷ ମିଶ୍ର କହିଛନ୍ତି, ପୂର୍ବରୁ ରୋଗୀ ଦେଖାଇବା ପାଇଁ ଅପେକ୍ଷା କରିବାକୁ ପଡୁଥିଲା ଏପରିକି ବସିବାକୁ ଚେୟାର ନଥିଲା। ତଳେ ଶିଶୁରୋଗୀଙ୍କୁ ଧରି ବସିବାକୁ ବାଧ୍ୟ ହେଉଥିଲୁ। ଏବେ ଡାକ୍ତରଙ୍କ କକ୍ଷ ଅଲଗା ହେବାରୁ ଭିଡ଼ କିମିଛି ଏବଂ ବସିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସେହିପରି ଶିଶୁରୋଗୀଙ୍କ ସମ୍ପର୍କୀୟ ତୃପ୍ତି ପାଣିଗ୍ରାହୀ କହିଛନ୍ତି, ସ୍ୱଚ୍ଛ ପରିବେଶ ଦେଖି ବହୁତ ଖୁସି ଅନୁଭବ ହେଉଛି। ପୁରୁଣା କୋଠାରେ ବହୁ ଅପରିଷ୍କାର ଥିଲା। ଏଭଳି ସ୍ୱଚ୍ଛତା ଓ ସମସ୍ତ ଜିନିଷର ରକ୍ଷଣାବେକ୍ଷଣା ଉପରେ ମେଡିକାଲ କର୍ତ୍ତୃପକ୍ଷ ସର୍ବଦା ଗୁରୁତ୍ୱ ଦେବା ଜରୁରୀ ଫଳରେ ଏଭଳି ସ୍ୱଚ୍ଛ ପରିବେଶ ବଜାୟ ରହିବ।

ସୂଚନାଥାଉକି, ଶିଶୁଭବନ ପରିସରରେ ଶିଶୁରୋଗୀଙ୍କୁ ଉନ୍ନତ ମାନର ଚିକିତ୍ସା ଯୋଗାଇ ଦେବା ନେଇ ପ୍ରାୟ ୧୨୭ କୋଟି ୩୫ ଲକ୍ଷ ଟଙ୍କା ବ୍ୟୟରେ ଏକ ଅତ୍ୟାଧୁନିକ ଜି-୬ କୋଠାର ନିର୍ମାଣ କାର୍ଯ୍ୟ ୨୦୨୦ ମସିହାରେ ଆରମ୍ଭ କରାଯାଇଥିଲା। ପ୍ରାୟ ୨ ବର୍ଷ ହେବ ଏହାର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା; କିନ୍ତୁ ବିଭିନ୍ନ କାରଣରୁ ଏହା କାର୍ଯ୍ୟକ୍ଷମ ହୋଇ ପାରୁ ନଥିଲା। ପରେ ହାଇକୋର୍ଟଙ୍କ ହସ୍ତକ୍ଷେପ ପରେ ଦ୍ୱିତୀୟ ପର୍ଯ୍ୟାୟରେ ନୂତନ କୋଠା କାର୍ଯ୍ୟକାରୀ ହୋଇଛି।

# ନକଲି ମୋବିଲ ପ୍ରସ୍ତୁତି ସାମଗ୍ରୀ ଜବତ; ଜଣେ ଗିରଫ

**ନରସିଂହପୁର,୧୫।୨(ସମିସ):** କାନପୁର ଥାନା ଜଗନ୍ନାଥସାହିରେ ଯଥା କାଷ୍ଟ୍ରଲ, ସର୍ଭୋ ନାମରେ ବିଭିନ୍ନ ଲୋଗୋ, ପୋଡା ମୋବିଲକୁ



ରିଫାଇନ୍ କରି ୪ଶହ ଲିଟର ନକଲି ମୋବିଲ ସହିତ ବୋତଲ ଏବଂ ପ୍ୟାକିଙ୍ଗ ସାମଗ୍ରୀ ଗୋଟିଏ ଘରେ ରଖିଥିଲେ। ଏହାକୁ ପ୍ୟାକିଙ୍ଗ କରି ନକଲି ମୋବିଲ ପ୍ରସ୍ତୁତି କରି ବାହାରେ ବିକ୍ରି କରୁଥିଲେ। ଏହି ପ୍ରସ୍ତୁତି ହେଉଥିବା ନକଲି ମୋବିଲ ସାମଗ୍ରୀ ପୁଲିସ ଦ୍ୱାରା ଜବତ ହେବା ସହ ଜଣେ ବ୍ୟକ୍ତିକୁ ଗିରଫ କରାଯାଇଛି। ଜଗନ୍ନାଥସାହିର ବିକାଶ ସାହୁ (୩୨) ନାମୀଦାମି କମ୍ପାନୀ ଘଟଣାର ଖବର ପାଇ କାନପୁର ଥାନା ଅଧିକାରୀ ତପନ କୁମାର ନାୟକ ଘଟଣାସ୍ଥଳରେ ପହଞ୍ଚି ସମସ୍ତ ସାମଗ୍ରୀ ଜବତ କରିବା ସହିତ ବିକାଶକୁ ଗିରଫ କରି ଅଦାଲତ ଚାଲାଣ କରିଛନ୍ତି।

# ବଚସାରୁ ଆକ୍ରମଣ; ଯୁବକ ଗିରଫ

**ଟାଙ୍ଗୀ,୧୫।୨(ସମିସ):** ସାମାନ୍ୟ ବଚସାରୁ ମରଣାନ୍ତକ ଆକ୍ରମଣ ଘଟଣାରେ ଟାଙ୍ଗୀ ପୁଲିସ ହରିଅନ୍ତା ପଞ୍ଚାୟତ ତରତ ଗ୍ରାମର ଚିକୁ ଓରଫ ସମୀର ସାମଲ(୧୯)କୁ ଗିରଫକରି ଶନିବାର ଅଦାଲତ ଚାଲାଣ କରିଛି। ତରତ ଗ୍ରାମର ଅମିତାଭ ମଲ୍ଲିକ ଓ ସମୀରଙ୍କ ମଧ୍ୟରେ କୌଣସି କାରଣରୁ ବଚସା ସୃଷ୍ଟି ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ସମୀର ଏକ କଟୁରୀ ଦ୍ୱାରା ଆକ୍ରମଣ କରିବା ଫଳରେ ଅମିତାଭ ଗୁରୁତର ହୋଇଥିଲେ।

# ସାଙ୍ଗ ପାଇଁ ଦିନଟିଏ କାର୍ଯ୍ୟକ୍ରମ



**ନିଶ୍ଚିନ୍ତକୋଇଲି,୧୫।୨(ସମିସ):** କେନ୍ଦୁପାଟଣା ସରକାରୀ ଉଚ୍ଚବିଦ୍ୟାଳୟ ୧୯୭୪ ମାଟ୍ରିକ ବ୍ୟାଚର ସାଙ୍ଗ ପାଇଁ ଦିନଟିଏ କାର୍ଯ୍ୟକ୍ରମର ଏକ ସମାବେଶ ଅନୁଷ୍ଠିତ ହୋଇଛି। ଦୁର୍ଯ୍ୟୋଧନ ନାୟକ, ଧୀରେନ୍ଦ୍ରନାଥ ବେହେରା, ବିଚିତ୍ରାନନ୍ଦ ସାମଲ, ସୋମନାଥ ଶତପଥୀଙ୍କ ସଂଯୋଜନାରେ କୁଳିଆ ରଘୁନାଥଜୀଉ ମଠ ପ୍ରାଙ୍ଗଣରେ ୪୦ରୁ ଉର୍ଦ୍ଧ୍ୱ ସହପାଠୀମାନେ ଏଥିରେ ଯୋଗ ଦେଇଥିଲେ। ଜଗନ୍ନାଥ ସଂସ୍କୃତିର ପ୍ରଚାରକ ଆଧ୍ୟାତ୍ମିକବାଦୀ ଡ. ଆରତୀ କର ସଦ୍‌ଭାବନା ଓ ସହଯୋଗର କାହାଣୀ ପ୍ରକାଶ କରି ମନୋବଳକୁ ସୁଦୃଢ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିରଜାପ୍ରସାଦ ଶତପଥୀ, ରାଜକିଶୋର ସ୍ୱାଇଁ, ଜ୍ୟୋସ୍ନାମୟୀ ପଣ୍ଡା, ମୀନତି ମହାନ୍ତି, ଜଗନ୍ନାଥ ଆଚାର୍ଯ୍ୟ, ଉଦୟନାଥ ସାହୁ, କୈଳାସଚନ୍ଦ୍ର ଦଲାଇ, ଅରବିନ୍ଦ ମହାନ୍ତି, ଦେବେନ୍ଦ୍ର ରାଉତ, ଅଭିରାମ ବଳ ପ୍ରମୁଖ ଯୋଗଦେଇ ପୁରୁଣା ସ୍ମୃତିକୁ ମନେ ପକାଇଥିଲେ। ଆଗାମୀ ଦିନରେ ବିଦ୍ୟାଳୟର ଉନ୍ନତି ଓ ଗରିବ ମେଧା ଛାତ୍ରଛାତ୍ରୀଙ୍କ ପ୍ରଗତି ପାଇଁ ସାହାଯ୍ୟ ସହଯୋଗ କରାଯିବାକୁ ନିଷ୍ପତ୍ତି ହୋଇଛି।

# ରାଜକିଶୋର ରାମଙ୍କ ଶ୍ରାଦ୍ଧବାର୍ଷିକୀ

**ଟାଙ୍ଗୀ,୧୫।୨(ସମିସ):** ଟାଙ୍ଗୀ-ଚୌଦ୍ୱାର ଅଞ୍ଚଳର ପ୍ରାକ୍ତନ ବିଧାୟକ ତଥା କୋଟସାହି ପଞ୍ଚାୟତ ଟାଙ୍ଗୀ ବାସିନ୍ଦା ସ୍ୱର୍ଗତ ରାଜକିଶୋର ରାମଙ୍କ ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଶନିବାର




ପାଳିତ ହୋଇଯାଇଛି। ଜ୍ୟେଷ୍ଠପୁତ୍ର ଦେବପ୍ରିୟ ରାମଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଅଂଶଗ୍ରହଣ କରି ସ୍ୱର୍ଗତ ରାମଙ୍କ ସ୍ମୃତିଚାରଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବାପୁପ୍ରିୟ ରଘୁପତି ରାମ ଓ ଶିବପ୍ରିୟ ଗଣପତି ରାମ ଅତିଥି ଚର୍ଚ୍ଚା ସହ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

## ସରକାରୀ ନିୟମକୁ ଫୁଁ

# ରାସନ୍‌କାର୍ଡ ହାତେଇଛନ୍ତି କାଉନ୍‌ସିଲର

**ଚୌଦ୍ୱାର,୧୫।୨(ସମିସ):** ଦେଶରେ କୌଣସି ଲୋକ ଉପବାସ ରହିବେ ନାହିଁ। ତେଣୁ ସେମାନ ଭୋକିଲା ପେଟକୁ ଦାନା ଯୋଗାଇବା ନିମନ୍ତେ ସରକାର ଜାତୀୟ ଖାଦ୍ୟସୁରକ୍ଷା ଆଇନ ୨୦୧୩ ଲାଗୁ କରିଥିଲେ। ଏହି ଯୋଜନା ଅନୁଯାୟୀ ପ୍ରତ୍ୟେକ ଗରିବ ଲୋକଙ୍କୁ ଖାଦ୍ୟସାମଗ୍ରୀ ଯୋଗାଇ ନେବା ନିମନ୍ତେ ସାଧାରଣ ବଣ୍ଟନ ବ୍ୟବସ୍ଥା ମାଧ୍ୟମରେ କାର୍ଯ୍ୟ ପରିଚାଳନା କରାଗଲା। ହେଲେ କିଛି କୁଚକ୍ରି ବ୍ୟକ୍ତିବିଶେଷ ଗରିବଙ୍କ ପାଇଁ ଉଦ୍ଦିଷ୍ଟ ଏହି ଯୋଜନାକୁ ମଧ୍ୟ ହରିଲୁଟ କରିବାକୁ ପଛାଇଲେ ନାହିଁ। ଏବେ ରାଜ୍ୟ ସରକାର ଇ-କେୱାଇସି ଦ୍ୱାରା ବହୁ ଅଯୋଗ୍ୟ ହିତାଧିକାରୀଙ୍କୁ ଧରିବା ଆରମ୍ଭ କରିଥିବାବେଳେ ରାସନ ସାମଗ୍ରୀ ହଡ଼ପ କରୁଥିବା ବହୁ ଲୋକ ସ୍କାନରକୁ ଆସିଛନ୍ତି। ସେହିଭଳି କଟକ ଜିଲ୍ଲା ଚୌଦ୍ୱାର ପୌରପାଳିକାରେ ଜଣେ କାଉନସିଲର ଏଭଳି ରାସନକାର୍ଡ ହାତେଇ ସରକାରୀ ରାଜକୋଷକୁ ଲୁଟୁଥିବା ଭଳି ସଂଗୀନ ଅଭିଯୋଗ ଆସିଛି। ଗୋଟିଏ ପଟେ ନିଜେ ଜଣେ ଲୋକ ପ୍ରତିନିଧି ହୋଇଥିବାବେଳେ ତାଙ୍କ ପରିବାରର ଜଣେ ସଦସ୍ୟ ଆୟକର ଦେଉଛନ୍ତି। ତଥାପି ସମ୍ପୃକ୍ତ ପରିବାରକୁ କିଭଳି ଅଭାବ ଦେଖାଦେଉଛି ଯେ ସେ ମଧ୍ୟ ରାସନକାର୍ଡ ହାତେଇଛନ୍ତି। ତେଣୁ ଏଭଳି ବହୁ ଲୋକ ଚୌଦ୍ୱାର ଅଞ୍ଚଳରେ ଥିବାବେଳେ ସେମାନଙ୍କ ଉପରେ ପ୍ରଶାସନ କି ପଦକ୍ଷେପ ନେଉଛି ତାହା ସମୟକୁ ଅପେକ୍ଷା। ମିଳିଥିବା ସୂଚନା ଅନୁଯାୟୀ ଚୌଦ୍ୱାର ପୌରପାଳିକାର ୧୧ନମ୍ବର ୱାର୍ଡ କାଉନସିଲର ବିନୋଦିନୀ ରାଉତରାୟ ଯେଉଁ ରାସନ କାର୍ଡ ପାଇଛନ୍ତି ତାହାର ନମ୍ବର ୦୭୧୭୧୧୦୨୪୪ ରହିଛି। ଏହି



**ପରିବାର ଲୋକ ଦେଉଛନ୍ତି ଆୟକର**

କାର୍ଡରେ ସ୍ୱାମୀ ଭାସ୍କର ରାଉତରାୟ(୫୮), ପୁତ୍ର ଚନ୍ଦନ କୁମାର ରାଉତରାୟ(୨୮) ଏବଂ କନ୍ୟା ଭାଗ୍ୟଶ୍ରୀ ରାଉତରାୟ (୨୩) ତାଲିକାଭୁକ୍ତ ଅଛନ୍ତି। ତେବେ ଚନ୍ଦନ କୁମାର ରାଉତରାୟ ଆୟକର ପରିସରଭୁକ୍ତ ହୋଇଥିଲେ ମଧ୍ୟ ତାଙ୍କ ପରିବାରଙ୍କ ନାମରେ କିଭଳି ରାସନ କାର୍ଡ ରହିଲା ସେ କିଭଳି ରାସନ ସାମଗ୍ରୀ ଉଠାଉଥିଲେ ତାହା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ ଯେ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ସରକାରଙ୍କ ପକ୍ଷରୁ ୧୧ଟି ପ୍ରାବଧାନ ଥିବାବେଳେ ୯ଟି ମାନଦଣ୍ଡ କଟିବା ପାଇଁ ରହିଛି। ଏହି ମାନଦଣ୍ଡ ଅନୁଯାୟୀ ଜଣେ ପରିବାରର କୌଣସି ସଦସ୍ୟ ୪ଚକିଆ କିମ୍ବା ଭାରିଯାନର ମାଲିକ ହୋଇ ନ ଥିବେ, ପରିବାରର କୌଣସି ସଦସ୍ୟ କେନ୍ଦ୍ର ସରକାର, ରାଜ୍ୟସରକାର, ସରକାରୀ ନିଗମ, ସରକାରୀ ଅନୁଦାନପ୍ରାପ୍ତ ସ୍ୱୟଂଚାଳିତ ସଂସ୍ଥା ଏବଂ ପୌରପାଳିକାରୁ ପ୍ରୋତ୍ସାହିତ କିମ୍ବା କର୍ମଚାରୀ ହୋଇ ନ ଥିବେ। ସେହିଭଳି ସହରାଞ୍ଚଳର ହିତାଧିକାରୀ ହୋଇଥିଲେ ମାସିକ ୧୫ହଜାର ଟଙ୍କା ଓ ଗ୍ରାମାଞ୍ଚଳ ହିତାଧିକାରୀ ହୋଇଥିଲେ ମାସିକ ୧୦ହଜାର ଟଙ୍କାରୁ ଅଧିକ ରୋଜଗାର ହୋଇ ନ ଥିବ, ଏଥିସହିତ ଯେଉଁ ପରିବାରର କୌଣସି ସଦସ୍ୟଙ୍କ ଉଦ୍ୟୋଗ ଗୁଡ଼ିକ ସାମଗ୍ରୀ ନିର୍ମାଣ ତଥା ସେବା ପ୍ରଦାନ ନିମନ୍ତେ ଉଦ୍ଦିଷ୍ଟ ଏବଂ ସରକାରଙ୍କ ନିକଟରେ ପଞ୍ଜିକୃତ ହୋଇ ନ ଥିଲେ। ପରିବାରରେ ୨ କିଲୋୱାଟ କିମ୍ବା ଅଧିକ ବିଦ୍ୟୁତ ସଂଯୋଗ ସହ ମାସିକ ୩ଶହ ୟୁନିଟରୁ ଅଧିକ ଶକ୍ତି ବ୍ୟବହାର କରୁ ନ ଥିବେ, ପରିବାରର କୌଣସି ସଦସ୍ୟ ଆୟକର ବା ବୃତ୍ତିକର ଦେଉ ନ ଥିବେ, ପରିବାରରେ ସିମେଣ୍ଟ କଂକ୍ରିଟ ଛାତ ସହ ୩ କିମ୍ବା ଅଧିକ କୋଠରୀ ବିଶିଷ୍ଟ ଘର ନ ଥିବା ଉପରେ ମାନଦଣ୍ଡ ରହିଛି। ତେବେ ଏହି ମାନଦଣ୍ଡକୁ ଚୌଦ୍ୱାର ଅଞ୍ଚଳରେ ପାଳନ କରାଯାଇ ନ ଥିବା ଦେଖିବାକୁ ମିଳିଛି। ପୁନଶ୍ଚ ସମ୍ପୃକ୍ତା ମହିଳାଜଣକ ଜଣେ କାଉନସିଲର ହୋଇଥିବାବେଳେ ତାଙ୍କ ପୁତ୍ର ଆୟକର ଦେଉଥିବାବେଳେ କିଭଳି ରାସନ କାର୍ଡ ରଖିଛନ୍ତି ତା ଉପରେ ତଦନ୍ତ କରାଯିବା ଉଚିତ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି। ସେହିଭଳି ସେ ପୂର୍ବରୁ କାଉନସିଲର ଥାଇ ମଧ୍ୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀରେ ରହି ଅନେକ ଅନିୟମିତତା କରିଥିବା ଅଭିଯୋଗ ସଂକ୍ରାନ୍ତରେ 'ସକାଳ' ଖବର କାଗଜରେ ଖବର ପ୍ରକାଶନ ପରେ ତାଙ୍କୁ ଗୋଷ୍ଠୀରୁ ବିଦା କରାଯାଇଥିଲା। ଏ ସଂକ୍ରାନ୍ତରେ ସଂପୃକ୍ତ କାଉନସିଲରଙ୍କ ପ୍ରତିନିଧି ତଥା ତାଙ୍କ ସ୍ୱାମୀ ଭାସ୍କର ଚନ୍ଦ୍ର ରାଉତରାୟଙ୍କୁ ପଚାରିବାରୁ ସେ ରାସନ୍ କାର୍ଡରୁ ତାଙ୍କ ପୁଅଙ୍କ ନାମ କାଟିବେ ବୋଲି କହିଥିଲେ। ଅନ୍ୟପକ୍ଷରେ ଏନେଇ ଚୌଦ୍ୱାର ପୌରପାଳିକାର ଅଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲଙ୍କୁ ପଚାରିବାରୁ ସେ ଘଟଣାକୁ ସ୍ୱୀକାର କରିବା ସହିତ ସରକାରୀ ନିୟମାନୁଯାୟୀ ଘଟଣାର ତଦନ୍ତ କରାଯାଇ ଉଚିତ୍ ପଦକ୍ଷେପ ନିଆଯିବ ବୋଲି କହିଥିଲେ।

# ଅର୍ଥନୀତି ବିଭାଗର ବାର୍ଷିକ ସମ୍ମାନ

**ଚୌଦ୍ୱାର,୧୫।୨(ସମିସ):** ଚୌଦ୍ୱାର କଲେଜ ଅର୍ଥନୀତି ବିଭାଗର ଏକ ଦିବସୀୟ ବାର୍ଷିକ ସମ୍ମାନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ରଶ୍ମି ରାଉତରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଟକ କଲେଜ ଅର୍ଥନୀତି ବିଭାଗ ମୁଖ୍ୟ ଶାରଦା କର ଅତିଥି ଭାବେ ଯୋଗଦେଇ 'ଭାରତୀୟ ଅର୍ଥନୀତିରେ ସବୁଜ କୃଷି ଓ ପରିବେଶ ସଂରକ୍ଷଣର ଧାରା' ଶୀର୍ଷକ ବିଷୟବସ୍ତୁ ଉପରେ ବିଷଦ ଆଲୋଚନା କରିଥିଲେ। ବିଭାଗୀୟ ମୁଖ୍ୟ ସ୍ୱର୍ଣ୍ଣପ୍ରଭା ରାଉତଙ୍କ ପରିଚାଳନାରେ ଅନୁଷ୍ଠିତ ପ୍ରଶ୍ନୋତ୍ତରୀ କାର୍ଯ୍ୟକ୍ରମରେ ବିଭାଗର ଛାତ୍ରଛାତ୍ରୀ, ଆଲୁମନି ଓ ଅଧ୍ୟାପନା ମଣ୍ଡଳୀ ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ଦୀପକ ଦାସ ଧନ୍ୟବାଦ ଦେଇଥିଲେ।

# ନାଟ୍ୟକାର ଅଶୋକ ପଟ୍ଟନାୟକ ସମ୍ବର୍ଦ୍ଧିତ

**କନ୍ଦରପୁର,୧୫।୨(ସମିସ):** ଅଗ୍ରଣୀ ସାଂସ୍କୃତିକ ସଂଗଠନ ସରସ୍ୱତୀ କଳା ପରିଷଦ କନ୍ଦରପୁର କଟକ ସଦରର ବରେଣ୍ୟ ସମ୍ପାଦକ ନାଟ୍ୟକାର ସାରସ୍ୱତ ସାଧକ ଆଶୋକ କୁମାର ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କଳା କ୍ଷେତ୍ରରେ ସଫଳତା ନେଇ ଜିଲ୍ଲା କଳା ବିକାଶ କେନ୍ଦ୍ର ଜଗତସିଂପୁର ପକ୍ଷରୁ ଅନୁଷ୍ଠିତ ହୋଇଥିବା ବାର୍ଷିକ ଉତ୍ସବ ଓ



ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ପର୍ବରେ ସମ୍ବର୍ଦ୍ଧିତ କରାଯାଇଛି। ସୂଚନାଯୋଗ୍ୟ, ନାଟ୍ୟ ନିର୍ଦ୍ଦେଶକ, ଲୋକପ୍ରିୟ ଅଭିନେତା ତଥା କଳାର ପୂଜାରୀ ଗୁରୁ ଆଶୋକ କୁମାର ପଟ୍ଟନାୟକ କଳା, ସାହିତ୍ୟ, ସଂସ୍କୃତି ଓ ସମାଜସେବା, ପରିଷଦ ମାଧ୍ୟମରେ ଗ୍ରାମାଞ୍ଚଳ ପ୍ରତିଭାଙ୍କ ବିକାଶ, ମେଧା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ, ପୂଜ୍ୟପୂଜା ଆଦି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ନେଇ ରାଜ୍ୟସ୍ତରୀୟ ଓ ଜାତୀୟସ୍ତରୀୟ ସମ୍ମାନ ଲାଭ କରିଛନ୍ତି। ତାଙ୍କର ଏହି ସଫଳତା ନେଇ ସମଗ୍ର କଟକ ସଦର ଅଞ୍ଚଳରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

# ପୁଟୁଲି ବୈଶ୍ୟ ସମାଜର ବାର୍ଷିକ ଉତ୍ସବ

**ମାହାଙ୍ଗା,୧୫।୨(ସମିସ):** ଲକ୍ଷ୍ମୀନାରାୟଣ ପୁଟୁଲି ବୈଶ୍ୟ ବଣିଆ ସମାଜ ସୁଙ୍ଗୁଡା ମଣ୍ଡଳସ୍ତରୀୟ ୪୫ ତମ ବାର୍ଷିକ ଉତ୍ସବ ମାହାଙ୍ଗା ବ୍ଲକ୍ ମୂଳବସନ୍ତ ଗ୍ରମପଞ୍ଚାୟତସ୍ଥିତ ହଂସଦିଆଠାରେ ସଭାପତି ନିମାଇଁ ଚରଣ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବରେ କେନ୍ଦୁପାଟଣା ମଣ୍ଡଳ କେନ୍ଦ୍ରୀୟ ସଭାପତି ରଶ୍ମୀ ରଞ୍ଜନ ସାହୁ ଯୋଗଦେଇଥିଲେ। କେନ୍ଦ୍ରୀୟ ଉପସଭାପତି ଗୋବର୍ଦ୍ଧନ ନାୟକ, ଅଶୋକ କୁମାର ସାହୁ, ସମ୍ପାଦକ ସନ୍ତୋଷ ସାହୁ, ସହସମ୍ପାଦକ ରବୀନ୍ଦ୍ର ସାହୁ, ସଂଗଠନ ସମ୍ପାଦକ ସୁଶାନ୍ତ ପୃଷ୍ଟି, ସହସମ୍ପାଦକ ଶ୍ରୀନିବାସ ପୃଷ୍ଟି ପ୍ରମୁଖ ଯୋଗ ଦେଇଥିଲେ। ସମ୍ପାଦକ ନୀଳମଣି ପୃଷ୍ଟି ବିବରଣୀ ପାଠ କରିଥିବା ବେଳେ କମଳ ଲୋଚନ ସାହୁ ଆୟବ୍ୟୟର ସମୀକ୍ଷା କରିଥିଲେ। ପ୍ରଦୀପ୍ତ ପୃଷ୍ଟି କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଗୋପୀନାଥ ସାହୁ, କମଳାକାନ୍ତ ପୃଷ୍ଟି, ଦ୍ୱାରିକାନାଥ ସାହୁ, ମଧୁସୂଦନ ସାହୁ, ପ୍ରଫୁଲ୍ଲ ପଶାରି, ତାପସ ରଞ୍ଜନ ଦାଶ, ସରୋଜ ଦାଶ, ଚିତ୍ତ ରଞ୍ଜନ ପୃଷ୍ଟି ଆଲୋଚନାରେ ଭାଗ ନେଇଥିଲେ। କେନ୍ଦ୍ରୀୟ କମିଟିର କାର୍ଯ୍ୟକାରୀ ସଭାପତି ଭାବରେ ପ୍ରଦୀପ୍ତ କୁମାର ପୃଷ୍ଟିଙ୍କୁ ଚୟନ କରାଯାଇଛି। ଅନନ୍ତ କିଶୋର ସାହୁ ଧନ୍ୟବାଦ ଦେଇଥିଲେ।

# ବି.ଡି କଲେଜରେ ଏଡ୍‌ସ ସଚେତନତା

**ନିଶ୍ଚିନ୍ତକୋଇଲି,୧୫।୨(ସମିସ):** ନତକାଇ ପଞ୍ଚାୟତ ବାଣୀନଗରଠାରେ ଥିବା ବଲ୍ଲଭୀଦେବୀ ମହିଳା ଡ଼ିଗ୍ରୀ



ମହାବିଦ୍ୟାଳୟ ଯୁବ ରେଡ଼କ୍ରସ ଓ ରେଡ୍ ରିବନ୍ କ୍ଲବ ଆନୁକୂଲ୍ୟରେ ଏଡସ ସଚେତନତା ଅନୁଷ୍ଠିତ ହୋଇଛି। କଲେଜ ଅଧ୍ୟକ୍ଷା ଡ. ପୁଷ୍ପିତା ଜେନାଙ୍କ ପୌରହିତ୍ୟରେ ଏଥିରେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ସୁଦିପ୍ତା ପରିଡ଼ା, ଡା. ସସ୍ମିତା ବେହେରା ଛାତ୍ରୀଙ୍କୁ ସଚେତନ କରାଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। +୨ ଅଧ୍ୟକ୍ଷା ନିବେଦିତା ଦାଶ, ଅଧ୍ୟାପିକା ଡ. ଜୟନ୍ତୀ ସାହୁ, ଦେବଜାନୀ ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ରେଡକ୍ରସ କାଉନ୍‌ସିଲର ଶୁଭଶ୍ରୀ ନାୟକଙ୍କ ସଂଯୋଜନାରେ ଅଧ୍ୟାପିକା ସୁଚିସ୍ମିତା ପ୍ରଧାନ, ସୁନିତା ଶୁଭଦର୍ଶିନୀ, ଉର୍ବଶୀ ସାହୁ, ପ୍ରଭାବତୀ ରାଉତ, ବଟକୃଷ୍ଣ ରାଉତ, ସୁକାନ୍ତ ବେଜ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପିକା ଶୁଭଶ୍ରୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଦମୟନ୍ତୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



**ନିଶ୍ଚିନ୍ତକୋଇଲି,୧୫।୨(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ କୂଳବଡ଼କ୍ଷୀର ସାଙ୍କିଲୋ ସ୍ଥିତ ଦମୟନ୍ତୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୨୦ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ଅଶୋକ ଗୋଚ୍ଛାୟତଙ୍କ ପୌରହିତ୍ୟରେ ଏଥିରେ ମୁଖ୍ୟଅତିଥି ଭାବେ ସରପଞ୍ଚ ରାକେଶ ସାମଲ, ମୁଖ୍ୟବକ୍ତା ଭାବେ ସମିତିସଭ୍ୟା ସ୍ୱାଗତିକା ନାୟକ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ କୃଷ୍ଣପ୍ରସାଦ ନାୟକ, ସ୍କୁଲ ପରିଚାଳନା କମିଟି ସଭାପତି ସୁଶୀଳ ଜେନା, ପତିତପାବନ ମଣ୍ଡଳ, ନିରଞ୍ଜନ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ବରିଷ୍ଠ ବିଭାଗରେ ଛାତ୍ରୀ ମଧୁସ୍ମିତା ସେଠୀ, ଛାତ୍ର ସୁବାକାଶ ନାୟକ, କନିଷ୍ଠ ବିଭାଗରେ ଛାତ୍ରୀ ପାୟଲ ମଲିକ, ଛାତ୍ର ଲିପୁନ୍ ମଲ୍ଲିକ ଚାମ୍ପିଅନ ହୋଇଥିବାବେଳେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରାକ୍ତନ ସିଆରସିସି ନାରାୟଣ ଚାନ୍ଦ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରିଚାଳନା କମିଟିର ସଭ୍ୟ ରଣଜିତ୍ ଦାସ, ବିଚିତ୍ରାନନ୍ଦ ରାଉତ, ଅଭୟ ମଲିକ, ସଭ୍ୟା ସତ୍ୟଭାମା ଲେଙ୍କା ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ଜ୍ୟୋସ୍ନାରାଣୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ନିର୍ମାଣକୁ ୮ ବର୍ଷ ପୂରିଲା

# ଅଡୁଆ ଛିଡୁନି, ଅଙ୍ଗନବାଡ଼ି ଘର ଖୋଲୁନି

**ଟାଙ୍ଗୀ, ୧୫।୨(ସମିସ):**

ଅଙ୍ଗନବାଡ଼ି ଗୃହ ନିର୍ମାଣକୁ ୮ ବର୍ଷ ପୂରିଲାଣି। ଲାଗିଥିବା ରଙ୍ଗ ଛାଡ଼ିବାକୁ ବସିଥିବାବେଳେ ପରିତ୍ୟକ୍ତ ଅବସ୍ଥାରେ କେନ୍ଦ୍ର ପଡ଼ିଛି। ମାତ୍ର ଆର୍ଥିକ ଅଡୁଆ ଛିଡୁ ନ ଥିବାରୁ ଉକ୍ତ ଘରେ ତାଲା ଝୁଲୁଛି।

**କୋମଳମତି ଶିଶୁଙ୍କ ଭବିଷ୍ୟତ ସହ ଖେଳ**



ବିଭାଗୀୟ କାର୍ଯ୍ୟ ହୋଇଥିବାରୁ ଜଣେ କନିଷ୍ଠଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ ରହିଥିବାବେଳେ ଦାୟିତ୍ୱ ନେଇ କାର୍ଯ୍ୟ ସମ୍ପାଦନ କରିଥିବା ଜନୈକ ବ୍ୟକ୍ତି ତାଲା ପକାଇଥିବା ଜାଣିବାକୁ ମିଳିଛି। ଫଳରେ ଉକ୍ତ ଅଙ୍ଗନବାଡ଼ି କେନ୍ଦ୍ର ନିକଟସ୍ଥ ପ୍ରାଥମିକ ବିଦ୍ୟାଳୟ ପରିସରରେ ସକାଳୁଆ ମାତ୍ର ୨ରୁ ୩ ଘଣ୍ଟା ପରିଚାଳିତ ହେଉଛି। ଏଭଳି ଘଟଣା ଟାଙ୍ଗୀ-ଚୌଦ୍ୱାର ବ୍ଲକ କନ୍ହେଇପୁର ପଞ୍ଚାୟତ ଭଗତପୁର ଗ୍ରାମରେ ଚର୍ଚ୍ଚାକୁ ଆସିଛି। ସୂଚନା ଅନୁଯାୟୀ ୨୦୧୬-୧୭ ଆର୍ଥିକ ବର୍ଷରେ ଭଗତପୁର-୩ ଅଙ୍ଗନବାଡ଼ି ଗୃହ ନିର୍ମାଣ ନିମନ୍ତେ ୭ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ବିଭାଗୀୟ ଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ ଥିବାବେଳେ ଭଗତପୁର ଗ୍ରାମର ଜଣେ ଯୁବକ ଦାୟିତ୍ୱ ନେଇ ନିର୍ମାଣ କାର୍ଯ୍ୟ ସମ୍ପାଦନ କରିଥିଲେ। ନିର୍ମାଣ ବାବଦ ୭ଲକ୍ଷ ଟଙ୍କାରୁ ପ୍ରାୟ ୫ଲକ୍ଷ ଟଙ୍କା ବିଲ୍ ହୋଇଥିବାବେଳେ ଅବଶିଷ୍ଟ ୨ଲକ୍ଷ ଟଙ୍କା ବକେୟା ନେଇ ବିବାଦ ଦେଖାଦେଇଥିଲା। କାର୍ଯ୍ୟ କରିଥିବା ଯୁବକ ଜଣକ ବକେୟା ନେଇ ବ୍ଲକ କାର୍ଯ୍ୟାଳୟ ଦୌଡ଼ି ନିରାଶ ହେବା ପରେ ବାଧ୍ୟହୋଇ ତାଲା ପକାଇ ଦେଇଥିଲେ। ଘଟଣା ସଂକ୍ରାନ୍ତରେ ସ୍ଥାନୀୟ ବାସିନ୍ଦା ବହୁବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କୌଣସି ସୁଫଳ ମିଳୁନାହିଁ। ଫଳସ୍ୱରୂପ ଉକ୍ତ କେନ୍ଦ୍ର ନିକଟସ୍ଥ ପ୍ରାଥମିକ ବିଦ୍ୟାଳୟ ପରିସରରେ ପରିଚାଳିତ ହେଉଛି। ଅତିରିକ୍ତ ଗୃହ ଅଭାବରୁ ବିଦ୍ୟାଳୟ ଖୋଲିଲେ ଅଙ୍ଗନବାଡି କେନ୍ଦ୍ର ବନ୍ଦ ହୋଇଯାଉଛି। ଏଭଳି ଘଟଣାର ତଦନ୍ତ ପୂର୍ବକ ତୁରନ୍ତ ଅଙ୍ଗନବାଡ଼ି କେନ୍ଦ୍ର ତାଲା ଖୋଲିଲେ ଭଗତପୁର ଦଳିତ ଓ ମୁସଲିମ୍ ବସ୍ତିର ଶତାଧିକ ପରିବାର ଉପକୃତ ହୋଇପାରନ୍ତେ ବୋଲି ମତପ୍ରକାଶ ପାଇଛି।

■ ରାଧାକାନ୍ତଜୀଉ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

# ସାଂସ୍କୃତିକ କାର୍ଯ୍ୟକ୍ରମରେ ଝୁମିଲେ ଦର୍ଶକ

**ସାଲେପୁର,୧୫।୨(ସମିସ):** ପାଟପୁର ଗ୍ରାମରେ ଅନୁଷ୍ଠିତ ହେଉଥିବା ତ୍ରିଦିବସୀୟ ବିଷ୍ଣୁ ମହାଯଜ୍ଞ ଓ ରାଧାକାନ୍ତଜୀଉ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଝୁମିଲେ ଦର୍ଶକ। ସାଲେପୁର ବ୍ଲକ୍ ପାଟପୁର ଗ୍ରାମରେ ଥିବା ଶ୍ରୀ ଶ୍ରୀ ରାଧାକାନ୍ତଜୀଉ ମନ୍ଦିର ପରିସରରେ ଅନୁଷ୍ଠିତ ହେଉଥିବା ବିଷ୍ଣୁ ମହାଯଜ୍ଞ ଅବସରରେ ଆୟୋଜିତ ରାଧାକାନ୍ତଜୀଉ ମହୋତ୍ସବରେ ଓଡ଼ିଶାର ବହୁ ସୁନାମଧନ୍ୟ କଳାକାରଙ୍କ ଦ୍ୱାରା ପରିବେଷିତ ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦର୍ଶକ ଝୁମିଥିଲେ। ଦ୍ୱିତୀୟ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମରେ ସିଦ୍ଧାର୍ଥ ଟିଭିର ମେଗା ଓଡ଼ିଆ ଧାରାବାହିକ ମାୟା ଓ ମମତାର ସମସ୍ତ କଳାକାର ଯୋଗଦେଇ ଦର୍ଶକମାନଙ୍କୁ ନିଜ କଳା ନୈପୁଣ୍ୟରେ ବିମୋହିତ କରିଥିଲେ। ସେହିପରି ଓଡ଼ିଶାର ଆଗଧାଡ଼ିର ଚଳଚ୍ଚିତ୍ର ଅଭିନେତ୍ରୀ ଲିପ୍‌ସା ମିଶ୍ର, ହାସ୍ୟ ଅଭିନେତା ଗୁଡ୍ଡୁ, ଗଞ୍ଜାମର ଓଡ଼ିଶୀ ନୃତ୍ୟାୟନ, ଖୋର୍ଦ୍ଧାର ସାଇସ୍ମୃତି କଳାକେନ୍ଦ୍ର, ଗୋପିନାଥପୁର ସାଇ ସରସ୍ୱତୀ ଶିଶୁ ମନ୍ଦିରର କଳାକାର, ସ୍ୱପ୍ନେଶ୍ୱର ବାଳାଶ୍ରମ ବୋଇଲର କଳାକାରମାନଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ



ବେଶ୍ ଚିତ୍ତାକର୍ଷକ ହୋଇଥିଲା। ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବା ପାଇଁ କଟକ ଜିଲ୍ଲା ସମେତ ବାହାର ଜିଲ୍ଲାରୁ ବହୁ ଦର୍ଶକ ଆସି ଉପଭୋଗ କରିଥିଲେ। ସେହିପରି ଶ୍ରୀ ଶ୍ରୀ ରାଧାକାନ୍ତଜୀଉ ମନ୍ଦିର ପରିସରରେ ହେଉଥିବା ବିଷ୍ଣୁ ମହାଯଜ୍ଞରେ ଭକ୍ତମାନେ ସାମିଲ ହୋଇଥିଲେ। ସମାଜସେବୀ ଦିଲ୍ଲୀପ ଦାଶଙ୍କ ତତ୍ତ୍ୱାବଧାନରେ ବିଶ୍ୱରଞ୍ଜନ ସାହୁ, ଜୟନ୍ତ ଦାଶ, ଶରତ ପ୍ରଧାନ, ହିମାଂଶୁ ଦାଶ, ବିଜୟ ଦାଶ, ପୂର୍ବତନ ସରପଞ୍ଚ ସୁବାସ ଚନ୍ଦ୍ର ଦାଶ, ଜଗମୋହନ ଦାଶ, ହେମନ୍ତ କୁମାର, ବଭ୍ରୁବାହନ ପ୍ରଧାନ, ଗୋପବନ୍ଧୁ ମହାନ୍ତି, ସଞ୍ଜିତ ଦାଶ, ଚଗଲା ଭୋଇ, ଦୁର୍ଯ୍ୟୋଧନ ବେହେରା, ଆଲୋକ ସାମଲଙ୍କ ସମେତ ପାଟପୁର ଓ ଆଖପାଖ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ସହଯୋଗ କରିଥିଲେ।

ସକାଳ THE SAKALA



# ଏକାସଙ୍ଗେ ଝୁଲିପଡ଼ିଲେ ବାପ, ଝିଅ ଓ ନାତି

**ବନ୍ଦ କୋଠରିରୁ ୩ ମୃତଦେହ ଉଦ୍ଧାର**
**ପୁଲିସ ଓ ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ**

ଢେଙ୍କାନାଳ, ୧୫ ।୨ (ସମିସ): ସଦର ଥାନା ତରଭା ଫାଣ୍ଡି ଅନ୍ତର୍ଗତ ଚାଉଳିଆ ଖମାର ଗ୍ରାମରେ ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଛି । ବନ୍ଦ କୋଠରି ମଧ୍ୟରୁ ଜଣେ ବୃଦ୍ଧଙ୍କ ସମେତ ତାଙ୍କ ଝିଅ ଓ ନାତିଙ୍କ ଗଳିତ ମୃତଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି । ମୃତକମାନେ ହେଲେ, ଗ୍ରାମର ଶଙ୍କର୍ଷଣ ଦାସ (୭୦), ତାଙ୍କ ଝିଅ ସୁବର୍ଣ୍ଣା ଦାସ (୪୦) ଏବଂ ସୁବର୍ଣ୍ଣାଙ୍କ ପୁଅ ସନ୍ତୋଷ ଦାସ (୧୮) । ତେବେ ଏହା ଆତ୍ମହତ୍ୟା ନା ଯୋଜନାବଦ୍ଧ ହତ୍ୟା; ତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ଘଟଣାସ୍ଥଳରେ ପୁଲିସ୍ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଦୀର୍ଘ ୭୨ଘଣ୍ଟା ହେବ ମୃତଦେହଗୁଡ଼ିକ ପଡ଼ି ରହିଥିବା ଜଣାପଡ଼ିଛି ।

ଖମାର ଗ୍ରାମରେ ଶଙ୍କର୍ଷଣ, ତାଙ୍କ ସ୍ତ୍ରୀ ପୁଷ୍ପଲତା ଦାସ (୬୫), ଝିଅ ସୁବର୍ଣ୍ଣା ଏବଂ ତାଙ୍କ ପୁଅ ସନ୍ତୋଷ ରହୁଥିଲେ । ସୁବର୍ଣ୍ଣା କାମାକ୍ଷାନଗର କଙ୍କଡ଼ାହାଡ଼ ଗ୍ରାମରେ ବିବାହ କରିଥିଲେ । ତେବେ ସ୍ୱାମୀଙ୍କ ସହ ମନୋମାଳିନ୍ୟରୁ ସେ ପୁଅ ସହ ବାପଘରେ ରହୁଥିଲେ । ପୁଷ୍ପଲତାଙ୍କ କହିବା ଅନୁସାରେ, ବୁଧବାର ପରିବାରଲୋକେ ଆତ୍ମହତ୍ୟା କରିବାକୁ କଥା ହେଉଥିଲେ । ବୁଧବାର ପୁଷ୍ପଲତା ଘର ବାରଣ୍ଡାରେ ଶୋଇଥିବା ବେଳେ ସକାଳେ କବାଟ ବାଡ଼େଇବାରୁ କେହି ଖୋଲି ନ ଥିଲେ । ସେ କବାଟ ଫାଙ୍କରେ ଦେଖିବା ପରେ ଘର ଭିତରେ ଫ୍ୟାନରେ ଶଙ୍କର୍ଷଣ ରଶି ଲଗାଇ ଆତ୍ମହତ୍ୟା କରିଥିବା ବେଳେ ଅନ୍ୟ ଘରେ ଝିଅ ସୁବର୍ଣ୍ଣା ଏବଂ ନାତି ସନ୍ତୋଷ ଆତ୍ମହତ୍ୟା କରିଥିବା ଦେଖିବାକୁ ପାଇଥିଲେ । ଏ ସମ୍ପର୍କରେ ସେ ଗ୍ରାମବାସୀଙ୍କୁ କହିଥିବା ବେଳେ ତାଙ୍କ ପରିବାରଲୋକେ ମାନସିକ ରୋଗୀ ହୋଇଥିବାରୁ କେହି ବିଶ୍ୱାସ କରିନଥିଲେ । ତେବେ ଦୀର୍ଘ ଦିନ ହେବ ଘର ଛାଡ଼ି ଭଗବାନପୁରରେ ରହୁଥିବା ପୁଅ ପ୍ରସନ୍ନ ଦାସଙ୍କ ନିକଟକୁ ଯାଇ ଘଟଣା ସମ୍ପର୍କରେ କହିଥିଲେ । ପ୍ରସନ୍ନ ଘରକୁ ଆସି ସବୁ ଦେଖିବା ପରେ ପୁଲିସକୁ ସୂଚନା ଦେଇଥିଲେ । ସଦର ଥାନା ପୁଲିସ୍ ସହ ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ, ତରଭା ଫାଣ୍ଡି ଅଧିକାରୀ ଶେଷଦେବ ବେହେରା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ଏହି ଘଟଣା ଗୁରୁବାର ଘଟିଥିବା କୁହାଯାଉଛି ।

ଘର ଭିତରୁ ଦୁର୍ଗନ୍ଧ ବାହାରୁଥିବା ବେଳେ ଶବଗୁଡ଼ିକ ଫୁଲି ଶଢ଼ିଯାଇଥିଲା । କଟକରୁ ସାଇଣ୍ଟିଫିକ୍ ଟିମ ଆସିବା ପରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଶବଗୁଡ଼ିକ ଜବତ କରାଯାଇଥିଲା । ପୁଲିସକୁ ଏକ ଡାଏରୀ ମିଳିଥିବା ଜଣାପଡ଼ିଛି ।

ଗୋଟିଏ କୋଠରିରେ ଶଙ୍କର୍ଷଣ ଏବଂ ଅନ୍ୟ କୋଠରିରେ ତାଙ୍କ ଝିଅ ଓ ନାତିର ଝୁଲନ୍ତା ମୃତଦେହ ଉଦ୍ଧାର ନେଇ ଭିନ୍ନ ମତ ପ୍ରକାଶ ପାଇଛି । ଗ୍ରାମବାସୀଙ୍କ କହିବା ଅନୁସାରେ, ଶଙ୍କର୍ଷଣଙ୍କ ପରିବାର ଲୋକେ କାହା ସହ ମିଳାମିଶା କରୁ ନଥିବାରୁ କେହି କିଛି ଜାଣିପାରି ନଥିଲେ । ଘର ଭିତରୁ ଦୁର୍ଗନ୍ଧ ବାହାରିବାରୁ ଘଟଣା ସମ୍ପର୍କରେ ଜଣାପଡ଼ିଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି । ମୃତ ସନ୍ତୋଷ ସ୍ଥାନୀୟ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୁକ୍ତ ୨ ବାଣିଜ୍ୟ ବିଭାଗରେ ଅଧ୍ୟୟନ କରୁଥିଲେ । ଶଙ୍କର୍ଷଣ ରେଲୱେରେ ଚତୁର୍ଥ ଶ୍ରେଣୀ କର୍ମଚାରୀ (ଗେଟ୍ କିପର୍) ଭାବେ କାର୍ଯ୍ୟ କରୁଥିଲେ । ୧୦ ବର୍ଷ ତଳେ ଚାକିରିରୁ ଅବସର ଗ୍ରହଣ ପରେ ସେ ଘରେ ରହୁଥିଲେ । ତାଙ୍କ ପେନସନ୍ ଟଙ୍କାରେ ପରିବାର ଭଲରେ ଚଳୁଥିଲା । ହେଲେ ପରବର୍ତ୍ତୀ ସମୟରେ କୌଣସି କାରଣରୁ ସେ ମଧ୍ୟ ମାନସିକ ଭାରସାମ୍ୟ ହରାଇ ବସିଥିଲେ । ଏପରିକି, ତାଙ୍କ ସ୍ତ୍ରୀ, ଝିଅ ଓ ନାତିକୁ ଘର ବାହାରକୁ ବାହାରିବାକୁ ଦେଉ ନ ଥିଲେ କି ନିଜେ ବି ବାହାରୁ ନଥିଲେ । ଗାଁର କୌଣସି ବ୍ୟକ୍ତି ବିବାହ କିମ୍ବା ବ୍ରତଘର କାର୍ଡ ଦେବାକୁ ଆସିଲେ ରୋକଠୋକ ମନା କରିଦେଉଥିଲେ । ଗାଁର କୌଣସି ଯାନିଯାତ୍ରାରେ ବି ତାଙ୍କ ପରିବାର ସାମିଲ ହେଉ ନ ଥିଲେ କି ଚାନ୍ଦା ଦେଉ ନ ଥିଲେ ବୋଲି କହିଛନ୍ତି ଗ୍ରାମବାସୀ । କିଛି ବର୍ଷ ହେବ, ସେମାନଙ୍କ ଅସ୍ୱାଭାବିକ ବ୍ୟବହାର ସମସ୍ତଙ୍କୁ ଚକିତ କରିଥିଲା । ଗ୍ରାମବାସୀଙ୍କ ନାଁରେ ପୁଲିସ ନିକଟରେ ବୃଥା ଅଭିଯୋଗ କରୁଥିବାରୁ ଭୟରେ ଗ୍ରାମବାସୀ ମଧ୍ୟ ସେମାନଙ୍କ ସହ କଥାବାର୍ତ୍ତା ହେଉ ନଥିଲେ । ବଡ଼ କଥା ହେଉଛି, ଗତ ମାସେ ହେବ, ତାଙ୍କ ଘରେ ଚୁଲି ଜଳୁ ନଥିଲା କି ଖିଆପିଆ ଠିକ ଭାବେ କରୁ ନଥିଲେ ବୋଲି କହିଛନ୍ତି ଶଙ୍କର୍ଷଣଙ୍କ ସ୍ତ୍ରୀ ପୁଷ୍ପଲତା । ତେବେ କେଉଁ କାରଣ ପାଇଁ ଗୋଟିଏ ପରିବାରର ତିନି ସଦସ୍ୟ ଏକା ସାଙ୍ଗରେ ମୃତ୍ୟୁର ବାଟ ଆପଣାଇ ନେଲେ, ତାହା ପୁଲିସ ତଦନ୍ତ ପରେ ହିଁ ସ୍ପଷ୍ଟ ହେବ ।

# ଦୁର୍ଘଟଣା ନେଲା ୪ ଜୀବନ

**ପୁଣି ଦ୍ୱାରଶୁଣୀ ଘାଟିରେ ଗଡ଼ିଲା ୨ ମୁଣ୍ଡ**
**ଜଳେଶ୍ୱର ଅଗ୍ରୱାଲା ଛକରେ ବାଇକ୍ ଧକ୍କାରେ ୨ ମୃତ**

ବାରିପଦା/ରାଇବଣିଆ, ୧୫ ।୨(ସମିସ): ଗତ ୨୪ ଘଣ୍ଟା ମଧ୍ୟରେ ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାରେ ପୃଥକ୍ ପୃଥକ୍ ଦୁଇଟି ଦୁର୍ଘଟଣାରେ ମୋଟ ୪ଜଣଙ୍କ ମୃତ୍ୟୁ ହୋଇଛି ।

ସୂଚନାନୁଯାୟୀ, ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଥାନା ଅଧୀନ ୪୯ନମ୍ବର ଜାତୀୟ ରାଜପଥର ଦ୍ୱାରଶୁଣୀ ଘାଟି ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ୨ ସାଙ୍ଗଙ୍କ ମୃତ୍ୟୁ ହୋଇଛି । ମୃତକଦ୍ୱୟ ହେଲେ, ବାଙ୍ଗିରିପୋଷି ଥାନା ଅନ୍ତର୍ଗତ କାଳିଆମି ଗ୍ରାମର ବିମଳ ସିଂଙ୍କ ପୁଅ ଅର୍ଜୁନ ସିଂ(୨୦) ଓ ଝାଡ଼ଖଣ୍ଡ ଅଞ୍ଚଳର ସୁଶେଫ ବାଗ(୨୫) । ସୂଚନାନୁଯାୟୀ, ଝାରପୋଖରିଆ ଥାନା ଅଞ୍ଚଳ ନିଜ ମାମୁଘରୁ ଅର୍ଜୁନ ଏକ ବାଇକ୍‌ରେ ବନ୍ଧୁ ସୁଶେଫ ସହ ବାଙ୍ଗିରିପୋଷି ଆସିଥିଲେ । ଶୁକ୍ରବାର ରାତିରେ ଘରକୁ ଫେରୁଥିବା ବେଳେ ଦ୍ୱାରଶୁଣୀ ଘାଟି ନିକଟରେ ଏକ ଅଜଣା ଗାଡ଼ି ସେମାନଙ୍କ ବାଇକ୍‌କୁ ଧକ୍କା ଦେଇ ପଳାଇଥିଲା । ଘଟଣାସ୍ଥଳରେ ହିଁ ଦୁହିଁଙ୍କ ମୃତ୍ୟୁ ଘଟିଥିଲା । ବାଙ୍ଗିରିପୋଷି ପୁଲିସ୍ ଘଟଣାସ୍ଥଳରୁ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରିଛି । ଏହାସହ ପୁଲିସ୍ ଘଟଣାସ୍ଥଳରୁ ବାଇକ୍ ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି ।

ସେହିପରି ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ଅନ୍ତର୍ଗତ ଅଗ୍ରୱାଲା ଛକ ଚନ୍ଦନା ନିକଟରେ ଶନିବାର ରାତିରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ ହୋଇଛି । ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଏହି ଅଘଟଣ ଘଟିଛି । ଏହି ଦୁର୍ଘଟଣାରେ ଆଉ ୨ଜଣ ଗୁରୁତର ଆହତ ହୋଇଛନ୍ତି । ସ୍ଥାନୀୟ ଲୋକ ସେମାନଙ୍କୁ ଏକ ଆମ୍ବୁଲାନ୍ସରେ ଜଳେଶ୍ୱର ହସ୍ପିଟାଲରେ ଭର୍ତ୍ତି କରାଇଛନ୍ତି । ତେବେ ଶେଷ ଖବର ଲେଖା ହେବା ସୁଦ୍ଧା ମୃତାହତଙ୍କ ପରିଚୟ ମିଳିପାରିନାହିଁ । ଘଟଣାସ୍ଥଳରେ ଜଳେଶ୍ୱର ପୁଲିସ ପହଞ୍ଚି ତଦନ୍ତ ଜାରି ରଖିଛି ।

**ପିଇଓଙ୍କୁ ଛୁରି ଦେଖାଇ ଲୁଟ୍**

# ୮.୫୯ ଲକ୍ଷ ଭତ୍ତା ଟଙ୍କା ଲୁଟିନେଲେ

କୋରାପୁଟ/ବୋରିଗୁମ୍ମା, ୧୫।୨ (ସମିସ): ବିସିଂହପୁର ଥାନା ତରାଲି ରାସ୍ତା ନିକଟରେ ୬ଜଣ ଦୁର୍ବୃତ୍ତ ଶନିବାର ଅପରାହ୍ଣରେ ଛୁରି ଦେଖାଇ ବୋଡ଼ିଗାଁ ପଞ୍ଚାୟତ ନିର୍ବାହୀ ଅଧିକାରୀ ଅର୍ଜୁନ ପାତ୍ରଙ୍କଠାରୁ ୮ ଲକ୍ଷ ୫୯ ହଜାର ୩୦୦ ଟଙ୍କା ଲୁଟି ନେଇଛନ୍ତି । ଶ୍ରୀ ପାତ୍ର ଆଜି ପୂର୍ବାହ୍ନରେ ବ୍ଲକ୍ ହିତାଧିକାରୀମାନଙ୍କୁ ଭତ୍ତା ବାଣ୍ଟିବା ପାଇଁ ଏକ ବ୍ୟାଗ୍‌ରେ ଟଙ୍କା ନେଇ ପଞ୍ଚାୟତ ଅଫିସ୍‌କୁ ଯାଉଥିବା ବେଳେ ଏହି ଆପରାଧିକ ଘଟଣା ଘଟିଥିଲା । ରତାଲି ନିକଟରେ ୩ଟି ବାଇକ୍‌ରେ ଆସିଥିବା ୬ଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇଥିଲେ । ପିଇଓ ଶ୍ରୀ ପାତ୍ର କିଛି ବୁଝିବା ପୂର୍ବରୁ ସେମାନେ ତାଙ୍କୁ ଏକ ଛୁରି ଦେଖାଇ ଭୟଭୀତ କରିବା ସହ ଆକ୍ରମଣ କରିଥିଲେ । ସେମାନେ ପିଇଓଙ୍କ ବାଇକ୍‌କୁ ରାସ୍ତାକଡ଼ ଜମିକୁ ଫୋପାଡ଼ିଦେବା ସହ ତାଙ୍କ ମୋବାଇଲ ଫୋନ୍ ଫୋପାଡ଼ି ଦେଇଥିଲେ । ପରେ ଟଙ୍କା ବ୍ୟାଗ୍ ଝାମ୍ପି ନେଇ ସେଠାରୁ ଚମ୍ପଟ ମାରିଥିଲେ । ଖବର ପାଇ ବୋଡ଼ିଗାଁ ସରପଞ୍ଚ କରୁଣା ବଡ଼ନାୟକ ସ୍ଥାନୀୟ ଲୋକଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ଶ୍ରୀ ପାତ୍ରଙ୍କୁ ଉଦ୍ଧାର କରିଥିଲେ । ଖବର ପାଇ ବିସିଂହପୁର ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ ଆରମ୍ଭ କରିଛି । କୌଣସି ଏକ ସ୍ଥାନର ସିସିଟିଭି ଫୁଟେଜ୍ ଯାଞ୍ଚ କରି ପୁଲିସ୍ ଅଭିଯୁକ୍ତମାନଙ୍କ ମଧ୍ୟରୁ ଜଣଙ୍କୁ ଚିହ୍ନଟ କରିଛି । ସେହି ଆଧାରରେ ତଦନ୍ତ ଆଗଉଥିବା ଥାନାର ଭାରପ୍ରାପ୍ତ ଅଧିକାରୀ ସୂରଜ ପ୍ରଧାନ କହିଛନ୍ତି । ଖୁବଶୀଘ୍ର ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ସେ କହିଛନ୍ତି ।



# ‘ସୁଭଦ୍ରା’ରୁ ବାଦ୍ ପଡ଼ିବେ ଲକ୍ଷାଧିକ ମହିଳା

**୫ ହଜାର ଟଙ୍କା କେଉଁଠି ବିନିଯୋଗ ହେଉଛି ତାହାର ଖବର ନାହିଁ**

ଭୁବନେଶ୍ୱର,୧୫ ।୨(ସମିସ): ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ବାବଦରେ ଆଜି ସୁଦ୍ଧା ରାଜ୍ୟର ୯୮,୩୦,୯୩୩ଜଣ ମହିଳାଙ୍କୁ ୪୯୧୫ କୋଟି ୪୬ ଲକ୍ଷ ୬୫ ହଜାର ଟଙ୍କା ପ୍ରଦାନ କରାଗଲାଣି । କିନ୍ତୁ ଟଙ୍କା ପାଇଥିବା ମହିଳାମାନଙ୍କ ମଧ୍ୟରୁ ୧୦୧୦୯ ଜଣ ମହିଳା ଏହି ଯୋଜନାରୁ ବାଦ୍ ପଡ଼ିବେ । ସେମାନେ ୫୦ ହଜାର ଟଙ୍କା ବଦଳରେ କେବଳ ଦୁଇଟି କିସ୍ତିରେ ୧୦ ହଜାର ଟଙ୍କା ପାଇବେ । କାରଣ ସେମାନଙ୍କର ବୟସ ୬୦ବର୍ଷ ଅତିକ୍ରମ କରିଯିବ । ଅପରପକ୍ଷେ, ସୁଭଦ୍ରା ଯୋଜନାରେ ଦିଆଯାଉଥିବା ଟଙ୍କାରେ ମହିଳାମାନେ କ’ଣ କରୁଛନ୍ତି, ତାହାର ଖବର ସରକାରଙ୍କ ପାଖରେ ନାହିଁ । ଆଜି ବିଭିନ୍ନ ଦଳର ବିଧାୟକ ପଚାରିଥିବା ପ୍ରଶ୍ନର ଉତ୍ତରରେ ଉପ-ମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ବିଭାଗ ମନ୍ତ୍ରୀ ପ୍ରଭାତୀ ପରିଡା ବିଧାନସଭାରେ ଏହି ଉତ୍ତର ରଖିଛନ୍ତି । ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ତି ଯେ ଯୋଗ୍ୟତା ନିର୍ଦ୍ଧାରଣ ପରେ ମହିଳା ହିତାଧିକାରୀଙ୍କୁ ସୁଭଦ୍ରା ଟଙ୍କା ପ୍ରଦାନ କରାଯାଉଛି । ଆବେଦନକାରୀଙ୍କ ମଧ୍ୟରୁ ୨,୯୨,୮୯୬ଜଣ ମହିଳାଙ୍କୁ ଅଯୋଗ୍ୟ ଘୋଷିତ କରାଯାଇଛି । ଯାନ୍ତ୍ରିକ ସମସ୍ୟା ହେତୁ ୧୪୮୧ଜଣ ମହିଳା ଅଯୋଗ୍ୟ ଘୋଷିତ ହୋଇଥିଲେ । ଏହାକୁ ପୁନଃ ବିଚାର କରାଯାଇ ସେଥିମଧ୍ୟରୁ ୬୪୩ ଜଣଙ୍କ ଆବେଦନ ଅନୁମୋଦନ କରାଯାଇଛି ଏବଂ ୪ଜଣଙ୍କ ଆବେଦନ ଖାରଜ ହୋଇଥିବା ବେଳେ ୮୩୪ଜଣଙ୍କ ଆବେଦନ ବିଚାରାଧୀନ ରହିଛି । ଏହି ଯୋଜନାରେ କୌଣସି ପୁରୁଷଙ୍କୁ ସୁଭଦ୍ରା ଟଙ୍କା ଦିଆଯାଇନାହିଁ ବୋଲି ମନ୍ତ୍ରୀ ଲିଖିତ ଉତ୍ତର ଦେଇଛନ୍ତି ।

# ୧୭ ହାତିଆ ବାଉଁଶ ବାନ୍ଧିଲେ ଚୁନରା ସେବକ



ପୁରୀ,୧୫।୨(ସମିସ): ଶ୍ରୀମନ୍ଦିର ନୀଳଚକ୍ରରେ ସ୍ଥାପନା ହେଲା ପତିତପାବନ ବାନା ବନ୍ଧାଯାଉଥିବା ନୂଆ ବାଉଁଶ ବା ଧ୍ୱଜାଦଣ୍ଡ । ଶନିବାର ଚୁନରା ସେବାୟତଙ୍କ ଦ୍ୱାରା ନୀଳଚକ୍ରରେ ଏହି ବାଉଁଶ ଲଗାଯାଇଛି । ୧୭ ଫୁଟିଆ ଏହି ବାଉଁଶକୁ ୩ ଜଣ ଚୁନରା ସେବାୟତ ମନ୍ଦିର ଚୂଡ଼ାକୁ ନେଇ ସ୍ଥାପନା କରିଛନ୍ତି ।

ପରମ୍ପରା ଅନୁଯାୟୀ, ପ୍ରତିଦିନ ନୀଳଚକ୍ରରେ ଧ୍ୱଜା ପରିବର୍ତ୍ତନ ହୋଇଥାଏ । ଶୁକ୍ରବାର ଅପରାହ୍ଣରେ ଧ୍ୱଜା ପରିବର୍ତ୍ତନ ସମୟରେ ନୀଳଚକ୍ରରେ ମୁଖ୍ୟ ବାନାକୁ ଧାରଣ କରୁଥିବା ବାଉଁଶଟି ଭାଙ୍ଗି ଯାଇଥିଲା । ଚୁନରା ସେବକ ଭଙ୍ଗା ଅଂଶକୁ ବାଦ୍ ଦେଇ ବଳକା ଛୋଟିଆ ଅଂଶରେ ପତିତପାବନ ବାନା ବାନ୍ଧି ଆସିଥିଲେ । ଶନିବାର ଏକ ନୂଆ ବାଉଁଶକୁ ବିଧି ପ୍ରକାରେ ପ୍ରସ୍ତୁତ କରାଯାଇ ଶ୍ରୀମନ୍ଦିର ନୀଳଚକ୍ରରେ ବନ୍ଧାଯାଇଛି । ଚୁନରା ସେବକ ନରସିଂହ ମହାପାତ୍ର କହିଛନ୍ତି, ନୀଳଚକ୍ରରେ ୧୭ହାତିଆ ବା ୨୨ରୁ ୨୪ ଫୁଟର ଏକ ନୂଆ ବାଉଁଶ ସ୍ଥାପନା କରାଯାଇଛି । ତିନି ଜଣ ଚୁନରା ସେବାୟତ ସତର୍କତାର ସହ ମନ୍ଦିର ଉପରକୁ ନେଇ ନୀଳଚକ୍ରରେ ଏହାକୁ ବାନ୍ଧିଛନ୍ତି । ଶ୍ରୀମନ୍ଦିର ଅଧିଷ୍ଠାତ୍ରୀ ମା’ ବିମଳାଙ୍କ ଆଜ୍ଞା ନେଇ ବନ୍ଧାଯାଇଛି । ପ୍ରଥମେ ମା’ ବିମଳାଙ୍କ କୂଅରୁ ପାଣି ନେଇ ବାଉଁଶକୁ ସ୍ନାନ କରାଯାଇଥିଲା । ପରେ ମା’ଙ୍କ ସିନ୍ଦୂର, ଫୁଲ ଲଗାଇ ଏହାକୁ ବନ୍ଧାଯାଇଛି ।

# ଶ୍ୱେତଗଙ୍ଗାରେ ବୁଡ଼ି ଯୁବକ ମୃତ

ପୁରୀ,୧୫।୨(ସମିସ): ଶ୍ୱେତଗଙ୍ଗାରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ, ବରାହୀ ଲେନ୍ ଧାନକୁଟି ସାହିର ଆଲୋକ ବାରିକ । ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଶୁକ୍ରବାର ସମ୍ପୃକ୍ତ ବ୍ୟକ୍ତି ଶ୍ୱେତଗଙ୍ଗାରେ ବୁଡ଼ିଯିବାରୁ ତାଙ୍କର ମୃତ୍ୟୁ ହୋଇଥିଲା । ଶନିବାର ଖବର ପାଇ ଅଗ୍ନିଶମ ବିଭାଗ ସହାୟତାରେ ମୃତଦେହ ଉଦ୍ଧାର କରାଯାଇଛି । ଟାଉନ୍ ଥାନା ପୁଲିସ ପୁଷ୍କରିଣୀ ନିକଟରେ ପହଞ୍ଚି ଅଧିକ ଛାନଭିନ କରିଛି । କେଉଁ ପରିସ୍ଥିତିରେ ଏବଂ କିପରି ଯୁବକଙ୍କ ମୃତ୍ୟୁ ହେଲା, ତାହାର ଖୋଳତାଡ଼ କରୁଛି । ତେବେ ପ୍ରାଥମିକ ଭାବେ ପୁଲିସ୍ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି ବୋଲି ଥାନାଧିକାରୀ ଗୋକୁଳ ରଞ୍ଜନ ଦାସ କହିଛନ୍ତି ।

# ଅସହ୍ୟ ହେଲା ରୋଗ ଯନ୍ତ୍ରଣା; ମହିଳାଙ୍କ ଆତ୍ମହତ୍ୟା

ସାଲେପୁର, ୧୫।୨(ସମିସ): ସାଲେପୁର ଥାନା ଅନ୍ତର୍ଗତ ସପନପୁର ଗ୍ରାମରେ ଆଜି ଏକ ଦୁଃଖଦ ଘଟଣା ଘଟିଛି । ରୋଗ ଯନ୍ତ୍ରଣା ଅସହ୍ୟ ହେବାରୁ ଜଣେ ମହିଳା ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ଗ୍ରାମର କୁମର ସାହୁଙ୍କ ପତ୍ନୀ କିରଣବାଳା ସାହୁ (୪୭) ଆଜି ସନ୍ଧ୍ୟାରେ ଏକ କୋଠରି ମଧ୍ୟରେ ବେକରେ ଶାଢ଼ି ବାନ୍ଧି ଝୁଲୁଥିବା ଦେଖି ପରିବାରଲୋକେ ତାଙ୍କୁ ଉଦ୍ଧାର କରି ସାଲେପୁର ମେଡିକାଲ ଆଣିଥିଲେ । କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । କିରଣବାଳା ଦୀର୍ଘ ଦିନ ଧରି ପେଟ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ । ଆଜି ସନ୍ଧ୍ୟାରେ ଯନ୍ତ୍ରଣା ଅଧିକ ହେବାରୁ ସେ ନିଜ କୋଠରିରେ ବେକରେ ଶାଢ଼ି ବାନ୍ଧି ଆତ୍ମହତ୍ୟା କରିଥିବାର ଜଣାପଡ଼ିଛି । ସାଲେପୁର ପୁଲିସ୍ ଡାକ୍ତରଖାନାରେ ପହଞ୍ଚି ଶବଟିକୁ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ବ୍ୟବସ୍ଥା କରୁଥିବା ଜଣାଯାଇଛି ।

■ ଗ୍ରୀଷ୍ମ ପ୍ରବାହ ମୁକାବିଲା ପାଇଁ ଏସଓପି ଜାରି

# ପର୍ଯ୍ୟାପ୍ତ ପାନୀୟ ଜଳ ବ୍ୟବସ୍ଥା ଲାଗି ନିର୍ଦ୍ଦେଶ

ଭୁବନେଶ୍ୱର,୧୫।୨(ସମିସ): ଆଗାମୀ ଗ୍ରୀଷ୍ମ ସମୟରେ ପର୍ଯ୍ୟାପ୍ତ ପାନୀୟ ଜଳ ବ୍ୟବସ୍ଥା ସହ ଜଳଯୋଗାଣ ଠିକ୍ କରାଯିବା ଉପରେ ଗୁରୁତ୍ୱାରୋପ କରିଛି ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ । ଏହା ସହ ପାଣିପାଗ ବିଭାଗର ସୂଚନାକୁ ଅନୁସରଣ କରିବା ସହ ଆବର୍ଜନା ଓ କୋଇଲା ଜାଳେଣି ପୋଡ଼ା ବନ୍ଦ, ନିର୍ମାଣ ବର୍ଜ୍ୟ ପରିଚାଳନା ପାଇଁ ବିଭାଗ ପୌର ପ୍ରଶାସନଗୁଡ଼ିକୁ ପରାମର୍ଶ ଦେଇଛି । ପୁନଶ୍ଚ ନିୟମାବଳୀକୁ କଡ଼ାକଡ଼ି ଅନୁପାଳନ କରିବାକୁ ମଧ୍ୟ ବିଭାଗ ନିର୍ଦ୍ଦେଶ ଦେଇଛି ।

ବିଭାଗ ପକ୍ଷରୁ କୁହାଯାଇଛି ଯେ ପୌର ପ୍ରଶାସନ ପକ୍ଷରୁ ସହରାଞ୍ଚଳରେ ପର୍ଯ୍ୟାପ୍ତ ପାନୀୟ ଜଳ ଯୋଗାଣ କରିବ ଓ ପାଇପଲାଇନଗୁଡ଼ିକୁ ସଠିକ୍ କାର୍ଯ୍ୟକ୍ଷମ ରଖିବ । ଅଭିଯୋଗର ୨୪ ଘଣ୍ଟା ମଧ୍ୟରେ ଜଳଯୋଗାଣ ସମସ୍ୟା ସମାଧାନ କରାଯିବ । ଜଳାଭାବ ଅଞ୍ଚଳରେ ଟ୍ୟାଙ୍କର ନିୟୋଜନ ଓ ନଳକୂପ ହାତପମ୍ପଗୁଡ଼ିକୁ କାର୍ଯ୍ୟକ୍ଷମ ଅବସ୍ଥାରେ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ଘର ସମ୍ମୁଖରେ ଗୋଟିଏ ପାତ୍ର ପାଣି ରଖିବା ପାଇଁ ସଚେତନତା ସୃଷ୍ଟି କରାଯିବ । ସ୍ୱେଚ୍ଛାସେବୀ ସଂଗଠନ ମାଧ୍ୟମରେ ରାସ୍ତା କଡ଼, ଛକ, ସରକାରୀ କାର୍ଯ୍ୟାଳୟ, ବସ୍ ଷ୍ଟାଣ୍ଡ, ରେଳ ଷ୍ଟେସନ, ବଜାର ଇତ୍ୟାଦି ରଣନୈତିକ ସ୍ଥାନରେ ଅଧିକ ଜଳ କିଓସ୍କ - ପାନୀୟ ଜଳ ବିତରଣ କେନ୍ଦ୍ର ଅର୍ଥାତ୍ ପାନୀୟ ଜଳ ବଣ୍ଟନ କେନ୍ଦ୍ର ଖୋଲିବାକୁ ପରାମର୍ଶ ଦିଆଯାଇଛି । କେବଳ ପ୍ରଚାର ପାଇଁ ଜଳଛତ୍ର ଖୋଲୁଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ମଧ୍ୟ ବିଭାଗ ନିର୍ଦ୍ଦେଶ ଦେଇଛି । ପୁନଶ୍ଚ ନିର୍ମାଣ ନିୟମ କଡ଼ାକଡ଼ି ଅନୁପାଳନ ସହ ନିର୍ମାଣ ସାମଗ୍ରୀ ପରିବହନ ସମୟରେ ଟ୍ରକ୍‌ଗୁଡ଼ିକୁ ଆଚ୍ଛାଦନ ନିମନ୍ତେ କୁହାଯାଇଛି । ସହରାଞ୍ଚଳ ଏବଂ ଏହାର ଆଖପାଖରେ ଥିବା ସମସ୍ତ ଜଳାଶୟଗୁଡ଼ିକୁ ପୁନରୁଦ୍ଧାର, ପୁନରୁଦ୍ଧାର ଏବଂ ମରାମତି ସହ ଏହାର ଜଳ ବ୍ୟବହାରଯୋଗ୍ୟ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି ।

# ଟିକସ ଫାଙ୍କିଲେ ଜବତ ହେବ ସମ୍ପତ୍ତି

**ଦୁଇ ବସ୍ ଜବତ କଲା ପରିବହନ ବିଭାଗ**

କଟକ, ୧୫।୨(ସମିସ): ବକେୟା ଟିକସ ପଇଠ କରୁନଥିବାରୁ ଦୁଇ ବସ୍‌କୁ ଜବତ କରିଛି କଟକ ଆଞ୍ଚଳିକ ପରିବହନ ବିଭାଗ । ଦୁଇଜଣ ବସ୍ ମାଲିକ ପ୍ରାୟ ୧୫ଲକ୍ଷ ଟଙ୍କାର ଟିକସ ଫାଙ୍କିଥିବାରୁ ବିଭାଗ ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ବାରମ୍ବାର ନୋଟିସ୍ ସତ୍ତ୍ୱେ ଉଭୟ ବସ୍ ମାଲିକ ଉକ୍ତ ଟିକସ ପଇଠ କରୁନଥିଲେ । ଏପରିକି, ଟିକସ ପଇଠ ପାଇଁ ଏକକାଳୀନ ଦେୟ ବ୍ୟବସ୍ଥା(ଓଟିଏସ୍) ଲାଗୁ ହୋଇଥିଲେ ସୁଦ୍ଧା ସେମାନେ ଏହାର ଫାଇଦା ନେଇନଥିଲେ । ପରିବହନ ଟିକସ ଫାଙ୍କିଲେ ଏଣିକି ଗାଡ଼ି ମାଲିକଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଜବତ କରାଯିବ ବୋଲି କହିଛନ୍ତି ଆଞ୍ଚଳିକ ପରିବହନ ଅଧିକାରୀ ତଥା ପରିବହନ ବିଭାଗ ଉପଆୟୁକ୍ତ ବିରଞ୍ଚି ନାରାୟଣ ଅଧିକାରୀ କହିଛନ୍ତି । କଟକରେ ପ୍ରାୟ ୭୪୫୬ଟି ଗାଡ଼ିର ଟିକସ ବକେୟା ରହିଛି । ରିପୋର୍ଟ ଅନୁସାରେ କଟକ ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ ଅଧୀନରେ ପ୍ରାୟ ୩୫କୋଟି ଟଙ୍କାର ଟିକସ ବକେୟା ରହିଛି । ଓଟିଏସ୍ ପ୍ରଚଳନ ପରେ ବି ବସ୍ ମାଲିକମାନେ ସେମାନଙ୍କ ବାକି ଥିବା ଟିକସ ଦେଉନଥିବାରୁ ସେମାନଙ୍କ ନାମରେ ଥିବା ଅନ୍ୟ ଗାଡ଼ିକୁ ମଧ୍ୟ ପରିବହନ ବିଭାଗ ଜବତ କରିବ ବୋଲି ଚେତାବନୀ ଦେଇଛି । ଏଣୁ ଆସନ୍ତା ମାର୍ଚ୍ଚ ସୁଦ୍ଧା ଏହି ବକେୟା ରାଶି ପଇଠ ପାଇଁ ପରିବହନ ବିଭାଗ ପକ୍ଷରୁ କୁହାଯାଇଛି ।

■ ବାଇଓମେଟ୍ରିକ ନିୟମ ମାନୁନାହାନ୍ତି ଅଧ୍ୟାପକ ଓ କର୍ମଚାରୀ


# କଲେଜରେ ୭ ଘଣ୍ଟା ନରହିଲେ କାର୍ଯ୍ୟାନୁଷ୍ଠାନ

**ଅପରାହ୍ଣ ପରେ ପତଳା ହେଉଛି ଉପସ୍ଥାନ**

ଭୁବନେଶ୍ୱର, ୧୫ ।୨ (ସମିସ): ଉଚ୍ଚ ଶିକ୍ଷାନୁଷ୍ଠାନରେ ବାଇଓମେଟ୍ରିକ ନିୟମକୁ ମାନୁନାହାନ୍ତି ଅଧ୍ୟାପକ ଅଧ୍ୟାପିକା । ଯାହାର ଯେତେବେଳେ ଇଚ୍ଛା ବାଇଓମେଟ୍ରିକ ଉପସ୍ଥାନ ଦେଇ ପ୍ରବେଶ କରୁଛନ୍ତି । ନିର୍ଦ୍ଧାରିତ ସମୟ ପାଠ ନ ପଢ଼ାଇ ଅନ୍ୟ କାମ କରୁଛନ୍ତି । ୭ ଘଣ୍ଟା ପୂରଣ ହେଲେ ପୁଣି ବାଇଓମେଟ୍ରିକ ଦେଇ ପ୍ରସ୍ଥାନ କରୁଛନ୍ତି । ଏପରିକି ଅନେକ କଲେଜରେ ମଧ୍ୟାହ୍ନ ପରେ କେହି ରହୁନାହାନ୍ତି । କେଉଁଠି ଅଧ୍ୟାପକ ନାହାଁନ୍ତି ତ କେଉଁଠି ପଢ଼ିବାକୁ ପିଲା ନାହାଁନ୍ତି । ଫଳରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି । ବାଇଓମେଟ୍ରିକ ଲାଗୁ କରିବାର ମୂଳ ଲକ୍ଷ୍ୟରୁ ଦୂରେଇ ଯାଉଛି । ବୁଧବାର ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ଉଚ୍ଚଶିକ୍ଷା ନିର୍ଦ୍ଦେଶକ କାଳୀପ୍ରସନ୍ନ ମହାପାତ୍ର ଅଚାନକ ରାଜଧାନୀରେ ଥିବା ଏକାମ୍ର କଲେଜକୁ ଗସ୍ତ କରିବା ପରେ ଏପରି ଚିତ୍ର ସାମ୍ନାକୁ ଆସିଛି । ଖୋଦ୍ ମନ୍ତ୍ରୀ କଲେଜ ଅବ୍ୟବସ୍ଥା ଦେଖିବା ପରେ ଚେଇଁଛି ଉଚ୍ଚଶିକ୍ଷା ବିଭାଗ । ସମସ୍ତ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ବାଇଓମେଟ୍ରିକ ନିୟମକୁ କଡ଼ାକଡ଼ି ପାଳନ କରିବାକୁ କଲେଜଗୁଡ଼ିକୁ ତାଗିଦ୍ କରିଛନ୍ତି । ନ ମାନିଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମଧ୍ୟ ଚେତାବନୀ ଦେଇଛନ୍ତି । ସମସ୍ତ ଆଞ୍ଚଳିକ ନିର୍ଦ୍ଦେଶକ କଲେଜରେ ୭ ଘଣ୍ଟା ରହିବାକୁ ଚିଠିରେ ଗୁରୁତ୍ୱ ଦେଇଛନ୍ତି । ଭୁବନେଶ୍ୱର ଆଞ୍ଚଳିକ ନିର୍ଦ୍ଦେଶକ ଦର୍ଶାଇଛନ୍ତି ଯେ ବହୁ କର୍ମଚାରୀ ଚତୁରତାର ସହିତ ବାଇଓମେଟ୍ରିକ ଉପସ୍ଥାନ ଦେଇ ପ୍ରବେଶ ଓ ପ୍ରସ୍ଥାନ କରୁଛନ୍ତି । ଏପରିକି ଅପରାହ୍ଣ ୨ଟା ପରେ କଲେଜରେ ଛାତ୍ରଛାତ୍ରୀ ରହୁନାହାନ୍ତି । ସେମାନଙ୍କ ପାଠ୍ୟସୂଚୀ ସକାଳ ୧୦ରୁ ଅପରାହ୍ଣ ୫ ପର୍ଯ୍ୟନ୍ତ ପ୍ରସ୍ତୁତ କରିବାକୁ କଲେଜ ଅଧ୍ୟକ୍ଷ ମାନଙ୍କୁ ନିର୍ଦ୍ଦେଶ ଦେଇଛି । ଏହାସହ ୭୫ ପ୍ରତିଶତ ଉପସ୍ଥାନ ହେଲେ ଯାଇ ଛାତ୍ରଛାତ୍ରୀ ପରୀକ୍ଷା ଦେଇପାରିବେ ବୋଲି ଚେତାଇଛି । ସେହିପରି ସମ୍ବଲପୁର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଦର୍ଶାଇଛନ୍ତି ଯେ ତାଙ୍କ ଗସ୍ତ ସମୟରେ ଅନେକ କଲେଜରେ ବାଇଓମେଟ୍ରିକ ଉପସ୍ଥାନ ଠିକ୍ ଭାବେ କାର୍ଯ୍ୟ କରୁନଥିବା ଏବଂ କଲେଜ ସମୟ ସାରଣୀ ପାଳନ ହେଉ ନଥିବା ପାଇଛନ୍ତି ।

# କଂଗ୍ରେସକୁ ବାହୁଡ଼ିଲେ ସୁରେଶ ରାଉତରାୟ

ଭୁବନେଶ୍ୱର, ୧୫।୨ (ସମିସ): ରାଜ୍ୟ କଂଗ୍ରେସରେ ଚାଲିଛି ଘରବାହୁଡ଼ା ପର୍ବ । ୩ ଦିନରେ ଦଳକୁ ତିନି ଜଣ ନେତାଙ୍କ ଘର ବାହୁଡ଼ା ହୋଇସାରିଛି । ଏହି କ୍ରମରେ ଆଜି ଦଳର ଭେଟେରାନ୍ ନେତା ତଥା ପୂର୍ବତନ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ କଂଗ୍ରେସକୁ ଫେରିଛନ୍ତି । ଦଳରୁ ୬ବର୍ଷ ପାଇଁ ସୁରେଶଙ୍କୁ ନଲମ୍ବନ କରାଯାଇଥିଲେ ମଧ୍ୟ ନୂତନ ପିସିସି ସଭାପତି ଭକ୍ତ ଚରଣ ଦାସ ନିଲମ୍ବନ ଓ ବହିଷ୍କାରକୁ ନେଇ ସର୍ବକ୍ଷମା ଘୋଷଣା ପରେ ଆଜି ସୁରେଶ କଂଗ୍ରେସ ଭବନରେ ପ୍ରବେଶ କରିଛନ୍ତି । କଂଗ୍ରେସ ଭବନ ଦୁଆରେ ମୁଣ୍ଡିଆ ମାରିବା ସହ ନଡ଼ିଆ ବାଡ଼େଇ ସେ କଂଗ୍ରେସ ଭବନକୁ ପ୍ରବେଶ କରିଛନ୍ତି । ପ୍ରବେଶ ବେଳେ ଶ୍ରୀ ରାଉତରାୟ ଭାବବିହ୍ୱଳ ହେବା ସହ ଭୋ ଭୋ ହୋଇ କାନ୍ଦି ପକାଇଥିଲେ । ଏହି ଅବସରରେ ଶ୍ରୀ ରାଉତରାୟ କହିଛନ୍ତି ଯେ ଗଲା ୯ ମାସ ହେଲା ଯନ୍ତ୍ରଣାରେ ଥିଲି । କିନ୍ତୁ ଆଜି ଭାରି ଖୁସି । ଆଜି ମୁଁ ମୋ ମନ୍ଦିରକୁ ଫେରିଛି । ଦଳରେ ଆଉ କନ୍ଦଳ ରହିବନି, ମିଳିମିଶି ସଂଗଠନ ପାଇଁ କାମ କରିବୁ । ଭକ୍ତ ଦାସଙ୍କ ନେତୃତ୍ୱରେ କଂଗ୍ରେସ ଶକ୍ତିଶାଳୀ ହେବ ବୋଲି ସେ କହିଛନ୍ତି । ଗତବର୍ଷ ଏପ୍ରିଲ ୧୫ରେ ସୁରେଶ ରାଉତରାୟଙ୍କୁ ଦଳରୁ ବିଦା କରାଯାଇଥିଲା । ବିଶୃଙ୍ଖଳା ଓ ଦଳ ବିରୋଧୀ କାର୍ଯ୍ୟ ପାଇଁ ଏଆଇସିସି ତାଙ୍କୁ ୬ ବର୍ଷ ଲାଗି ବହିଷ୍କାର କରିଥିଲା । ଏହା ପୂର୍ବରୁ ଗତ ୧୧ତାରିଖରେ ପିସିସି ସଭାପତି



ନିଯୁକ୍ତ ହେବା ପରେ ଭକ୍ତ ଦାସ କଟକ ଜିଲ୍ଲା ପୂର୍ବତନ କଂଗ୍ରେସ ସଭାପତି ମାନସ ଚୌଧୁରୀଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରିଥିଲେ । ଏହାପରେ କଂଗ୍ରେସ ଦଳରୁ ନିଲମ୍ବିତ ହୋଇଥିବା ପୂର୍ବତନ ସାଧାରଣ ସମ୍ପାଦକ ପ୍ରକାଶ ମିଶ୍ର ମଧ୍ୟ ଦଳକୁ ପ୍ରତ୍ୟାବର୍ତ୍ତନ ନେଇ କହିବା ସହ ଏହି ନିଷ୍ପତ୍ତି ଯୋଗୁଁ ପିସିସି ସଭାପତିଙ୍କୁ କୃତଜ୍ଞତା ଜଣାଇଥିଲେ । ଆଜି ସୁରେଶ ରାଉତରାୟଙ୍କ ଘର ବାହୁଡ଼ା ପରେ ଏହି ତାଲିକା ଆହୁରି ଲମ୍ବିବ ବୋଲି ଅନୁମାନ କରାଯାଉଛି ।

# ବଦଳିଲେ ଆଉ ୧୪୪ ଓଏଏସ୍

ଭୁବନେଶ୍ୱର,୧୫ ।୨(ସମିସ): ଓଏଏସ୍‌ସ୍ତରରେ ବଡ଼ ଧରଣର ଅଦଳବଦଳ କରିଛନ୍ତି ସରକାର । ରାଜସ୍ୱ ବିଭାଗ ଓ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଶୁକ୍ରବାର ୪୪ ଜଣଙ୍କୁ ବଦଳି କରାଯାଇଥିବାବେଳେ ଶନିବାର ରାଜସ୍ୱ ବିଭାଗ ପକ୍ଷରୁ ଆଉ ୧୦୭ ଜଣ ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍) ଅଧିକାରୀଙ୍କୁ ବଦଳି କରାଯାଇଛି । ତନ୍ମଧ୍ୟରୁ ବହୁ ଅଧିକାରୀଙ୍କୁ ଜଳ ସମ୍ପଦ ବିଭାଗକୁ ବଦଳି କରାଯାଇଛି । ସେହିପରି କିଛି ଅଧିକାରୀଙ୍କୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗକୁ ଫେରାଇ ଅଣାଯାଇ ବିଭିନ୍ନ ପଦରେ ଅବସ୍ଥାପିତ କରାଯାଇଛି ।

# ସାତକୋଶିଆ ଗଣ୍ଡ ଉପରେ ଉଡ଼ିଲା ହେଲିକପ୍ଟର

- **ନିଷିଦ୍ଧାଞ୍ଚଳରେ ବିନାମ ଉଡ଼ାଣ ପରେ ବନବିଭାଗର ତନାଘନା**
- **‘ଏୟାର ଟ୍ରାଫିକ କଣ୍ଟ୍ରୋଲର’କୁ ରିପୋର୍ଟ ମାଗିଲା ବନ ବିଭାଗ**

ଅନୁଗୋଳ/ଭୁବନେଶ୍ୱର,୧୫।୨(ସମିସ): ସାତକୋଶିଆ ଗଣ୍ଡ ଉପରେ ହେଲିକପ୍ଟର ଉଡ଼ିଛି । ନିଷିଦ୍ଧାଞ୍ଚଳ ଘୋଷଣା ସତ୍ତ୍ୱେ ଗଣ୍ଡ ଉପରେ କେଉଁ ପରିସ୍ଥିତିରେ ହେଲିକପ୍ଟର୍ ଉଡ଼ିଲା, ତାକୁ ନେଇ ଖୋଳତାଡ଼ ଆରମ୍ଭ ହୋଇଛି । ସାତକୋଶିଆ ହେଉଛି ରାଜ୍ୟର ଦ୍ୱିତୀୟ ବ୍ୟାଘ୍ର ପ୍ରକଳ୍ପ । ଏହାବ୍ୟତୀତ ସୁପ୍ରସିଦ୍ଧ ଆର୍ଦ୍ରଭୂମି ସାତକୋଶିଆକୁ ‘ରାମସାର କ୍ଷେତ୍ର’ ରୂପେ ମଧ୍ୟ ସ୍ୱୀକୃତି ମିଳିଛି । ମାତ୍ର ଏଭଳି କଡ଼ା କଟକଣାପୂର୍ଣ୍ଣ ଅଞ୍ଚଳରେ କିଏ ଓ କାହିଁକି ହେଲିକପ୍ଟର ଉଡ଼ାଇଲା, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ସ୍ଥାନୀୟ ଦେଖଣାହାରୀଙ୍କ କହିବା ଅନୁଯାୟୀ, ହେଲିକପ୍ଟରଟି ଗଣ୍ଡର ତଳ ଅବବାହିକା ଦିଗରୁ ଆଠମଲ୍ଲିକ ପାର୍ଶ୍ୱକୁ ଉଡ଼ାଣ କରିଥିଲା । ମାତ୍ର ୫୦ରୁ ୬୦ ଫୁଟ୍ ଉଚ୍ଚରେ ଗଣ୍ଡ ଉପର ଦେଇ ଉକ୍ତ ହେଲିକପ୍ଟରଟି ଉଡ଼ୁଥିଲା । ଏହି ସମୟରେ ସେଠାରେ ଭୀଷଣ ଗର୍ଜନ ଓ ପ୍ରବଳ ପବନ ଅନୁଭୂତ ହୋଇଥିଲା । ଗଣ୍ଡ ଉପରେ ୩୦୦ଫୁଟ୍ ତଳକୁ କୌଣସି ବିମାନ ଉଡ଼ାଇବା ବନ୍ୟପ୍ରାଣୀ ସୁରକ୍ଷା ଆଇନରେ ଦଣ୍ଡନୀୟ ଅପରାଧ ବୋଲି ନିୟମ ରହିଛି । ମାତ୍ର ଏହା ସତ୍ତ୍ୱେ ଗତ ୧୩ତାରିଖ ଅପରାହ୍ଣରେ ହେଲିକପ୍ଟରଟି ସାତକୋଶିଆ ଗଣ୍ଡ ଉପରେ ୧୪ ତାରିଖ ସକାଳେ ପୁଣି ସେହି ରାସ୍ତା ଦେଇ ଫେରିଥିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି ।

ଅନ୍ୟପଟେ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ ଉପରେ ଅଜଣା ହେଲିକେପ୍ଟର ଉଡ଼ିବା ପରେ ବନ ବିଭାଗ ତରଫରୁ ତନାଘନା ଆରମ୍ଭ ହୋଇଯାଇଛି । ଏହି ହେଲିକପ୍ଟର୍ ବିଷୟରେ ସବିଶେଷ ତଥ୍ୟ ପାଇଁ ବନ ବିଭାଗ ତରଫରୁ ସିଭିଲ ଆଭିଏସନ୍ ନିର୍ଦ୍ଦେଶକଙ୍କୁ ଚିଠି ଲେଖାଯାଇଛି । ସାତକୋଶିଆ ଗଣ୍ଡ ବ୍ୟାଘ୍ର ପ୍ରକଳ୍ପର କୋର ଏରିଆ ମଧ୍ୟରେ ଆସୁଥିବା ବେଳେ ଏହା ଉପରେ ଏକ ନିର୍ଦ୍ଦିଷ୍ଟ ଉଚ୍ଚତାରେ କୌଣସି ବିମାନ ଉଡ଼ାଇବା ବନ୍ୟପ୍ରାଣୀ ସୁରକ୍ଷା ଆଇନକୁ ଉଲ୍ଲଙ୍ଘନ କରୁଛି । ଏହାସହ ମହାନଦୀର ସାତକୋଶିଆ ଗଣ୍ଡରେ ତିନୋଟି ବିଲୁପ୍ତପ୍ରାୟ ପ୍ରଜାତି ଯଥା ଘଡ଼ିଆଳ କୁମ୍ଭୀର, ଇଣ୍ଡିଆନ ସ୍କିମର (ପାଣିଚରା) ଓ ବ୍ଲାକବିଲଡଟନ ଆଦି ପକ୍ଷୀ ବାସ କରୁଛନ୍ତି । ତେଣୁ ଗଣ୍ଡ ଉପର ଦେଇ ହେଲିକପ୍ଟର ଉଡ଼ିବା ଫଳରେ ଉକ୍ତ ବିଲୁପ୍ତପ୍ରାୟ ପ୍ରଜାତି ଚଳଣି ଉପରେ ପ୍ରଭାବ ପକାଇବା ଆଶଙ୍କା କରାଯାଉଛି । ଘଟଣା ସମ୍ପର୍କରେ ସାତକୋଶିଆ ଡିଏଫ୍‌ଓ ସରୋଜ କୁମାର ପଣ୍ଡା କହିଛନ୍ତି, ସାତକୋଶିଆ ଉପରେ ବିମାନ ଉଡ଼ିବା ବନ୍ୟଜନ୍ତୁ ଆଇନ ବିରୋଧୀ । ସେ ତାଙ୍କ ବିଭାଗର କର୍ମଚାରୀଙ୍କଠାରୁ ସୂଚନା ପାଇବା ପରେ ତୁରନ୍ତ ଭୁବନେଶ୍ୱରସ୍ଥିତ “ଏୟାର ଟ୍ରାଫିକ କଣ୍ଟ୍ରୋଲର’କୁ ହେଲିକପ୍ଟରର ଉଡାଣ ନେଇ ତଥ୍ୟ ମାଗିଛନ୍ତି । ତଥ୍ୟ ମିଳିବା ପରେ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି ।

# ଜିଲ୍ଲାରେ ୧୦ ଲକ୍ଷ କ୍ୱିଣ୍ଟାଲ ଧାନ ସଂଗ୍ରହ

**କଟକ, ୧୫ ।୨(ସମିସ):** ଜାନୁଆରୀ ୩ ତାରିଖରୁ ଜିଲ୍ଲାରେ ଚଳିତବର୍ଷ ଖରିଫ ଋତୁ ଧାନ କିଣା ଚାଲିଛି। ହେଲେ ଅଦ୍ୟାବଧି ଧାର୍ଯ୍ୟ ଲକ୍ଷ୍ୟର ୭୦ ପ୍ରତିଶତ ଧାନ କିଣା ସମ୍ଭବ ହୋଇପାରିଛି। ଜିଲ୍ଲାରେ ୨୧୨ମଣ୍ଡି ଓ ୩ଟି ସଙ୍ଘ ସହାୟକ ଗୋଷ୍ଠୀରେ ଧାନ ସଂଗ୍ରହ କରାଯାଉଛି। ମଣ୍ଡିଗୁଡ଼ିକରୁ ମିଲରମାନେ ଠିକ ସମୟରେ ଯାଉନଥିବାରୁ ଧାନ ସଂଗ୍ରହ ପଛେଇଥିବା ଜଣାପଡ଼ିଛି। ଆଜି ସୁଦ୍ଧା ପ୍ରାୟ ମୋଟ ୩୩ହଜାର ଚାଷୀ ୧୦ ଲକ୍ଷ ୮୦ହଜାର କ୍ୱିଣ୍ଟାଲ ଧାନ ବିକ୍ରି କରିଛନ୍ତି। ଜିଲ୍ଲାର ୧୪ଟି ବ୍ଲକରେ ୧୫ ଲକ୍ଷ ୫ହଜାର କ୍ୱିଣ୍ଟାଲ ଧାନ ମୋଟ ୬୫ହଜାର ୭୬ଜଣ ଚାଷୀଙ୍କ ଠାରୁ କିଣାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏବେ ବି ପ୍ରାୟ ୩୨ହଜାର ଚାଷୀ ସେମାନଙ୍କ ଧାନ ବିକ୍ରି ଅପେକ୍ଷାରେ ରହିଛନ୍ତି। ଗୁରୁତ୍ୱପୂର୍ଣ୍ଣ ଏହିକି ଯେ ଚାଷୀମାନେ ଯେଉଁ ଟୋକନ ପାଇଛନ୍ତି ସେହି ଟୋକନ ଅବଧି ଆରମ୍ଭର ୧୫ଦିନ ମଧ୍ୟରେ ବି ଧାନ କିଣାଯାଉପାରୁନାହିଁ। ମିଲରମାନେ ବି କଟନୀ-ଛଟନୀ ପ୍ରକ୍ରିୟାରେ ଜିଲ୍ଲାର ଧାନ ସଂଗ୍ରହ କରୁଥିବା ଅଭିଯୋଗ ହେଉଛି। ଜିଲ୍ଲାରେ ୧୨ଜଣ ମିଲର ଧାନ କିଣାରେ ନିୟୋଜିତ ହୋଇଥିଲେ ମଧ୍ୟ କଟନୀ ଛଟନୀକୁ ନେଇ ମଣ୍ଡିରେ ଅବ୍ୟବସ୍ଥା ଲାଗି ରହିଛି।

# ଏସ୍‌ସିବିରେ ଏମ୍‌ଜିଏମ୍ ବିଶେଷଜ୍ଞ

**କଟକ, ୧୫।୨(ସମିସ):** ଏସ୍‌ସିବି ମେଡିକାଲରେ ହାର୍ଟ ଟ୍ରାନ୍ସପ୍ଲାଣ୍ଟ ପାଇଁ ଚୁକ୍ତିବଦ୍ଧ ହୋଇଥିବା ଚେନ୍ନାଇସ୍ଥିତ ଏମ୍‌ଜିଏମ୍‌ର ହାର୍ଟ ଟ୍ରାନ୍ସପ୍ଲାଣ୍ଟ ବିଶେଷଜ୍ଞ ଆଜି କାର୍ଡିଓଥୋରାସିକ ବିଭାଗର ଟ୍ରାନ୍ସପ୍ଲାଣ୍ଟ ଆଇସିୟୁରେ ହାର୍ଟ ଫେଲ୍ୟୁଅର ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିଛନ୍ତି। ଏମ୍‌ଜିଏମ୍ ବିଶେଷଜ୍ଞଙ୍କ ସହ ଏସ୍‌ସିବିର ଡାକ୍ତର ମିଳିତ ଭାବେ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା ନିରୀକ୍ଷା କରିଥିଲେ। ତେବେ ଟ୍ରାନ୍ସପ୍ଲାଣ୍ଟ ଲାଗି ହାର୍ଟ ଫେଲ୍ୟୁଅର ରୋଗୀଙ୍କ ପଞ୍ଜିକୃତ ସଂଖ୍ୟା ଏସ୍‌ସିବିରେ ବଢୁଥିବା ବେଳେ ଉକ୍ତ ଚିକିତ୍ସା ଏଠାରେ କେବେ ଆରମ୍ଭ ହେବ ସେ ବାବଦରେ ଅଦ୍ୟାବଧି କୌଣସି ପ୍ରସ୍ତୁତି ନାହିଁ। ସୂଚନାଯୋଗ୍ୟ, ଏସ୍‌ସିବି ମେଡିକାଲରେ ୧୦୦ ଦିନ ମଧ୍ୟରେ ହାର୍ଟ ଟ୍ରାନ୍ସପ୍ଲାଣ୍ଟ କରାଯିବ ବୋଲି ନଭେମ୍ବର ମାସରେ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଘୋଷଣା କରିଥିଲେ। ମାତ୍ର ଏହି ଘୋଷଣା କେବଳ ସରକାରୀ ଫାଇଲରେ ସୀମିତ ରହିଛି। ଟ୍ରାନ୍ସପ୍ଲାଣ୍ଟ ଲାଗି ଆବଶ୍ୟକ ଭିତ୍ତିଭୂମି ଏସ୍‌ସିବିରେ ବର୍ତ୍ତମାନ ସୁଦ୍ଧା ପ୍ରସ୍ତୁତ ହୋଇପାରିନାହିଁ। ଫଳରେ ହାର୍ଟ ଟ୍ରାନ୍ସପ୍ଲାଣ୍ଟକୁ ନେଇ ଆଶଙ୍କା ଲାଗି ରହିଛି।

# ପ୍ରଧାନଶିକ୍ଷକଙ୍କ ମାସିକ ଆଲୋଚନା ବୈଠକ

**ବଡ଼ମ୍ବା, ୧୫।୨(ସମିସ):** ବ୍ଲକର ଉଚ୍ଚ ବିଦ୍ୟାଳୟଗୁଡ଼ିକର ପ୍ରଧାନଶିକ୍ଷକମାନଙ୍କ ଶିକ୍ଷା ସମୀକ୍ଷା ଓ ଆଲୋଚନା ବୈଠକ ଶଙ୍ଖାମେରାସ୍ଥିତ ବୁଦ୍ଧ ସାହୁ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ପ୍ରକାଶଚନ୍ଦ୍ର ମଉଗଜ ସିଂହଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ବୈଠକରେ ସହ ଶିକ୍ଷାଧିକାରୀ ନିର୍ମଳା ବେହେରା, ପ୍ରାକ୍ତନ ବ୍ଲକ ଶିକ୍ଷାଧିକାରୀ ଶ୍ରୀନିବାସ ପ୍ରଧାନ, ସହ ଶିକ୍ଷାଧିକାରୀ ବିବେକାନନ୍ଦ ସାହୁ, ଆରପି ଅଶୋକ ଧଳ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ଶୈଳବାଳା ସାମଲ, କାମରାଜ ସାହୁ, ବିଜୟ ଛତ୍ର, ମାନସୀ ମଞ୍ଜରୀ ସେଠୀ, ମନମୋହନ ମହାରଣା, ସନ୍ତୋଷ ପରିଡ଼ା ଆଗାମୀ ମାଟ୍ରିକ ପରୀକ୍ଷାକୁ ସ୍ୱଚ୍ଛ, ଶୃଙ୍ଖଳିତ, ମୁକ୍ତ ଓ ଅବାଧ ଭାବେ ଆରମ୍ଭ ଓ ସମାପନ ଉପରେ ଆଲୋଚନା କରିଥିଲେ। ପରବର୍ତ୍ତୀ ବୈଠକ ଗୋପୀନାଥପୁରସ୍ଥିତ କୃପାସିନ୍ଧୁ ନୋଡାଲ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଛି। ସେବାନିବୃତ୍ତ ପ୍ରଧାନ ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ଶତପଥୀ, ପୁଷ୍ପଲତା ରାଉତ, ସୁରେନ୍ଦ୍ର ରଥ, ରମେଶଚନ୍ଦ୍ର ରଥ, ପ୍ରମୋଦ ସାହୁ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜକ ବିଦ୍ୟାଳୟର ପ୍ରଧାନଶିକ୍ଷକ ତ୍ରିଲୋଚନ ପଣ୍ଡା ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷକ କଳିଙ୍ଗ କେଶରୀ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ୧୨ ଦଫା ଦାବିରେ ଧର୍ମଘଟ କରିବେ ବ୍ୟାଙ୍କ କର୍ମଚାରୀ

**କଟକ, ୧୫ ।୨(ସମିସ):** ୧୨ ଦଫା ଦାବିରେ ଆସନ୍ତା ମାର୍ଚ୍ଚ ୨୪ ଓ ୨୫ରେ ବ୍ୟାଙ୍କ କର୍ମଚାରୀ ଓ ଅଫିସରଙ୍କ ସମସ୍ତ ୯ଟି ସଙ୍ଗଠନକୁ ନେଇ ଗଠିତ ୟୁନାଇଟେଡ ଫୋରମ୍ ଅଫ ବ୍ୟାଙ୍କ ୟୁନିୟନସର ଆହ୍ୱାନରେ ଦେଶ ବ୍ୟାପୀ ଧର୍ମଘଟ ହେବ। ଏହିକ୍ରମରେ ସମାବେଶ ମାନ ରାଜ୍ୟର ରାଜଧାନୀ ଓ ଜିଲ୍ଲା କେନ୍ଦ୍ରଗୁଡ଼ିକରେ ଅନୁଷ୍ଠିତ ହୋଇଯାଇଛି। କଟକର ବ୍ୟାଙ୍କ ଅଫ ଇଣ୍ଡିଆ ରାଣୀହାଟ ଶାଖା ସମ୍ମୁଖରେ ଏକ ବିକ୍ଷୋଭ ସମାବେଶ ସୁଭାଷ ବୋଷଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ନେତୃବୃନ୍ଦ ସଚ୍ଚିଦାନନ୍ଦ ନନ୍ଦ, ବିପିନ ପାଢ଼ୀ, କିଶୋର ଜେନା, ଶୁଭ୍ରାଂଶୁ ଶତପଥୀ, ଓମକାର ମହାନ୍ତି, ବିଶୁଦ୍ଧ ଦାସ, ଅଶୋକ ତା, ରୋଜାଲିନ ସାହୁ, ଶ୍ରୀନିବାସ ରାଓ ପ୍ରମୁଖ ବକ୍ତବ୍ୟ ରଖି ମାର୍ଚ୍ଚ ୩ ତାରିଖର ସଂସଦ ଅଭିଯାନ ଓ ଦୁଇଦିନିଆ ଧର୍ମଘଟକୁ ସଫଳ କରିବା ଆହ୍ୱାନ ଦେଇଥିଲେ। ବ୍ୟାଙ୍କଗୁଡିକରେ କର୍ମଚାରୀ ନିଯୁକ୍ତି, କର୍ମଚାରୀ ଓ ଅଫିସରଙ୍କ ଚାକିରି ସର୍ତ୍ତକୁ ଉଲ୍ଲଙ୍ଘନ କରି କେନ୍ଦ୍ର ଅର୍ଥମନ୍ତ୍ରଣାଳୟର ଏକତରଫା ନିର୍ଦ୍ଦେଶର ପ୍ରତ୍ୟାହାର, ୫ଦିନିଆ କାର୍ଯ୍ୟ ସପ୍ତାହକୁ ତୁରନ୍ତ ଲାଗୁ କରିବା, ଠିକାକାମ ଓ ଆଉଟ୍ ସୋର୍ସିଙ୍ଗ ବନ୍ଦ କରିବା ଇତ୍ୟାଦି ଦାବି ରହିଛି।

# କର୍କଟ ରୋଗ ସଚେତନତା

**କଟକ, ୧୫।୨(ସମିସ):** ରେଭେନ୍ସା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନା ୟୁନିଟ ତରଫରୁ କର୍କଟ ରୋଗ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷା ଡ. ରୀତା ରାୟ, କର୍କଟ ରୋଗ ବିଶେଷଜ୍ଞ ଡା. ପ୍ରଶାନ୍ତ ପରିଡ଼ା ମୁଖ୍ୟଭୂମିକା ଗ୍ରହଣ କରିଥିଲେ। ଏନଏସଏସ ମାର୍ଗଦର୍ଶକ ରବିନ କୁମାର ସୋରେନ ଓ କାର୍ଯ୍ୟକ୍ରମ ଅଧିକାରୀ ଶିବପ୍ରସାଦ ମିଶ୍ର ପରିଚାଳନା କରିଥିଲେ। ଦୁଇ ଘଣ୍ଟା ଧରି ଚାଲିଥିବା ଏହି ଆଲୋଚନାରେ ଜରାୟୁ କ୍ୟାନ୍ସର, ସ୍ତନ କର୍କଟ, ଚର୍ମ କର୍କଟ, ମାଉଥ କ୍ୟାନ୍ସର ଆଦି ଭୟଙ୍କର ରୋଗଠାରୁ କିପରି ନିଜକୁ ଦୂରେଇ ରଖାଯାଇ ପାରିବ ସେ ବିଷୟରେ ଆଲୋକପାତ କରାଯାଇଥିଲା।

# ତରତ-ସହଦେବପୁର ରାସ୍ତା ପ୍ରଶସ୍ତୀକରଣରେ ଅନିୟମିତତା

ନିଶ୍ଚିନ୍ତକୋଇଲି, ୧୫।୨(ସମିସ)



କେନ୍ଦ୍ରାପଡ଼ା ପୂର୍ତ୍ତ ବିଭାଗ ଅଧୀନରେ ଥିବା ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ତରତ-ସହଦେବପୁର ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। କାର୍ଯ୍ୟ ତଦାରଖରେ ବିଭାଗୀୟ ଅଧିକାରୀଙ୍କ ଟାଳଟୁଳ ନୀତି ଯୋଗୁଁ ଠିକାଦାର ସରକାରୀ ନିୟମ ସମ୍ପୂର୍ଣ୍ଣ ଉଲ୍ଲଙ୍ଘନ କରି ମନମୁଖୀ ଭାବେ କାର୍ଯ୍ୟ କରୁଥିବା ଦେଖାଯାଉଛି। ଫଳରେ ଉକ୍ତ ରାସ୍ତାର ସ୍ଥାୟିତ୍ୱ ନେଇ ସନ୍ଦେହ ପ୍ରକାଶ ପାଇଛି।

୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ତରତ-ସହଦେବପୁର ରାସ୍ତାର ଉନ୍ନତିକରଣ କାର୍ଯ୍ୟ ପାଇଁ ଶୁଭ ଶିଳାନ୍ୟାସ ହୋଇଥିଲା। ୧୧ କିମି ଦୈର୍ଘ୍ୟ ବିଶିଷ୍ଟ ଉକ୍ତ ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟ ନିମନ୍ତେ ୨୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଅନୁଦାନ ଯୋଗାଇ ଦିଆଯାଇଥିଲା। ଏହାପରେ ଠିକାଦାର ଜଣକ ଏହି କାର୍ଯ୍ୟ ଆରମ୍ଭ କରିଥିଲେ ମଧ୍ୟ ଅଦ୍ୟାବଧି ୨୫ ଭାଗ କାମ ହୋଇ ନ ଥିବା ଜଣାଯାଇଛି। ଉକ୍ତ ରାସ୍ତା କାର୍ଯ୍ୟ ମନ୍ଥର ଗତିରେ କରାଯିବା ସହିତ ଏହାର ଦୁଇ ପାର୍ଶ୍ୱକୁ ଖୋଳି ଦୀର୍ଘ ଦିନ ପକାଇ ରଖୁଥିବାରୁ ଯାତାୟତରେ ବହୁ ସମସ୍ୟା ଉପୁଜୁଛି। ଉକ୍ତ ରାସ୍ତାର ଦୁଇପାର୍ଶ୍ୱ ତିନି ଫୁଟ ଲେଖାଏଁ ଓସାର କରାଯିବା ନିମନ୍ତେ ଚୁକ୍ତି ହୋଇଥିବା ବେଳେ ଏହା ସବୁ ସ୍ଥାନରେ ସଠିକ୍ ଓସାର କରାଯାଉ ନ ଥିବା ଦେଖାଦେଇଛି।

## ସ୍ଥାୟିତ୍ୱ ନେଇ ସନ୍ଦେହ

ନିୟମ ଅନୁଯାୟୀ, ରାସ୍ତାର ଉଭୟପାର୍ଶ୍ୱକୁ ୨ଫୁଟ ଲେଖାଏଁ ଗଭୀରରେ ଖୋଳାଯିବା ପରେ ତାହାକୁ ରୋଲିଂ କରାଯାଇ ସେଥିରେ କ୍ରସର ଗୁଣ୍ଡ ଏବଂ ଅଧ ଇଞ୍ଚର ବଜୁରୀ ମିଶାଇ ପୋତାଯିବା କଥା ହେଲେ ଠିକାଦାର ଜଣକ ଦୁଇ ଫୁଟ୍‌ରୁ କମ୍ ଗଭୀର ଖୋଳି କୌଣସି ରୋଲିଂ ନକରି ସେଥିରେ ମାଟି ଓ ବାଲି ପକାଇ ପୋତୁଥିବା ଅଭିଯୋଗ ହେଉଛି। ଏଭଳି ମାଟି ଓ ବାଲିରେ ପୋତିଲେ ରାସ୍ତା ଉଭୟ ପାର୍ଶ୍ୱ ଧସିଯିବାର ଆଶଙ୍କା ପ୍ରକାଶ ପାଇଛି। ଠିକାଦାର କାର୍ଯ୍ୟ କରୁଥିବାବେଳେ ଏହାର ତଦାରଖ ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ କେହି ଉପସ୍ଥିତ ହେଉ ନଥିବାରୁ ଏଭଳି ଅବସ୍ଥା ଦେଖାଯାଇଛି। ରାସ୍ତା କାର୍ଯ୍ୟ ଚାଲିଥିବାବେଳେ କେହି ସାଧାରଣ ଲୋକେ ଯଦି କିଛି କହୁଛନ୍ତି ତାହେଲେ ତାଙ୍କୁ ଧମକ ଦିଆଯାଉଥିବା ଜଣାଯାଇଛି। ଉକ୍ତ ଅଭିଯୋଗ ସଂକ୍ରାନ୍ତରେ କେନ୍ଦ୍ରାପଡ଼ା ପୂର୍ତ୍ତବିଭାଗ ସହକାରୀ ଯନ୍ତ୍ରୀ ଜିତେନ୍ଦ୍ର ସାହୁଙ୍କୁ ମୋବାଇଲ ଯୋଗେ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସେ ଫୋନ୍ ଉଠାଇ ନଥିଲେ। ସଠିକ୍ ଭାବେ ଉକ୍ତ ରାସ୍ତା ନିର୍ମାଣ କରାଯିବା ପାଇଁ ଏହି ଅଞ୍ଚଳର ଜନସାଧାରଣ ଦାବି କରୁଥିଲା ବେଳେ ଯେତିକି କାର୍ଯ୍ୟ କରାଯାଇଛି ତାର ବିଧିବଦ୍ଧ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ମଧ୍ୟ ଦାବି ହୋଇଛି।

# ଆରମ୍ଭ ହେଲା ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ବୋର୍ଡ ପରୀକ୍ଷା

**କଟକ, ୧୫ ।୨(ସମିସ):** ସିବିଏସଇ ପରିଚାଳିତ ୧୦ମ ଓ ଦ୍ୱାଦଶ ପରୀକ୍ଷା ଆଜିଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନ ଦଶମର ଇଂରାଜୀ ପରୀକ୍ଷା ଥିବା ବେଳେ ଦ୍ୱାଦଶରେ ଏଣ୍ଟରପ୍ରିନରସିପ୍ ବିଷୟରେ ଛାତ୍ରଛାତ୍ରୀମାନେ ପରୀକ୍ଷା ଦେଇଥିଲେ। ସହରରେ ଥିବା କେନ୍ଦ୍ରୀୟ ବିଦ୍ୟାଳୟ ଏବଂ ଡିଏଭି ପବ୍ଲିକ ସ୍କୁଲଗୁଡ଼ିକ ସିବିଏସଇ ପରିଚାଳିତ ହେଉଛି। ଏହି ସ୍କୁଲଗୁଡ଼ିକରେ ଆଜି ଠାରୁ ପରୀକ୍ଷା ଆରମ୍ଭ ହୋଇଥିବାବେଳେ ଶାନ୍ତିଶୃଙ୍ଖଳାର ସହ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। ୯ଟା ୧୫ ମିନିଟରେ ପରୀକ୍ଷାର୍ଥୀମାନେ ପରୀକ୍ଷା କେନ୍ଦ୍ରକୁ ପ୍ରବେଶ କରିଥିଲେ। ୧୦ଟା ୧୫ ମିନିଟରେ ସେମାନଙ୍କୁ ପ୍ରଶ୍ନପତ୍ର ପ୍ରଦାନ କରାଯାଇଥିଲା। ୧୦ଟା ୩୦ରୁ ପରୀକ୍ଷା ଆରମ୍ଭ ହୋଇ ଅପରାହ୍ଣ ୧ଟା ୩୦ ମିନିଟ୍‌ରେ ଶେଷ ହୋଇଥିଲା। କପିମୁକ୍ତ ପରୀକ୍ଷା କରିବାକୁ ଚଳିତଥର ସିବିଏସଇ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ପ୍ରବେଶ ସମୟରେ ଛାତ୍ରଛାତ୍ରୀଙ୍କ ଯାଞ୍ଚକୁ କଡ଼ାକଡ଼ି କରାଯାଇଥିଲା। ଯେଉଁ ବିଦ୍ୟାଳୟରେ ସିସିଟିଭିର ବ୍ୟବସ୍ଥା ନାହିଁ ତାହାକୁ ସିବିଏସଇ ପକ୍ଷରୁ ପରୀକ୍ଷା କେନ୍ଦ୍ର କରାଯାଇନାହିଁ। ପ୍ରଥମ ଥର ନିମନ୍ତେ ସବୁ କେନ୍ଦ୍ରରେ ଲାଗିଥିବା ସିସିଟିଭିର ଫୁଟେଜକୁ ରେକର୍ଡିଂ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଗତିବିଧିକୁ ନିରୀକ୍ଷଣ କରିବାକୁ ଶିକ୍ଷକଙ୍କୁ ନିୟୋଜିତ କରାଯାଇଥିବାବେଳେ ଅସ୍ୱାଭାବିକ ପରିସ୍ଥିତିକୁ ନଜର ରଖାଯାଇଥିଲା। ତେବେ ପରୀକ୍ଷା କେନ୍ଦ୍ରକୁ ପ୍ରବେଶ କରିବା ପୂର୍ବରୁ ଶିକ୍ଷକ ଶିକ୍ଷୟିତ୍ରୀମାନେ ଚନ୍ଦନ ଏବଂ ସିନ୍ଦୂର ଲଗାଇଥିବା ଦେଖିବାକୁ ମିଳିଥିଲା। ଦଶମ ଶ୍ରେଣୀରେ ୨୦ରେ ବିଜ୍ଞାନ, ୨୨ରେ ସଂସ୍କୃତ, ୨୫ରେ ସାମାଜିକ ବିଜ୍ଞାନ, ୨୮ ରେ ହିନ୍ଦୀ, ମାର୍ଚ୍ଚ ୧୦ରେ ଗଣିତ, ୧୭ରେ ଓଡ଼ିଆ ଓ ୧୮ ରେ କମ୍ପ୍ୟୁଟର ପରୀକ୍ଷା ହେବ। ସେହିପରି ଦ୍ୱାଦଶ ଶ୍ରେଣୀର ୧୭ରେ ଫିଜିକାଲ ଏଜୁକେସନ, ୨୧ରେ ପଦାର୍ଥ ବିଜ୍ଞାନ, ୨୨ରେ ବିଜିନେସ୍ ଷ୍ଟଡିଜ୍, ୨୪ରେ ଜିଓଗ୍ରାଫି, ୨୭ରେ ରସାୟନ ବିଜ୍ଞାନ, ମାର୍ଚ୍ଚ ୮ରେ ଗଣିତ, ୧୧ରେ ଇଂରାଜୀ, ୧୯ରେ ଅର୍ଥନୀତି, ୨୨ରେ ରାଜନୀତି ବିଜ୍ଞାନ, ୨୫ରେ ବାୟୋଲୋଜି, ୨୬ରେ ଆକାଉଣ୍ଟାନ୍ସି, ଏପ୍ରିଲ୍ ୧ରେ ଇତିହାସ, ୪ରେ ମନସ୍ତତ୍ତ୍ୱ ବିଜ୍ଞାନ ପରୀକ୍ଷା ଅନୁଷ୍ଠିତ ହେବ। ଦଶମ ପରୀକ୍ଷା ମାର୍ଚ୍ଚ ୧୮ ରେ ଏବଂ ଦ୍ୱାଦଶ ପରୀକ୍ଷା ଏପ୍ରିଲ ୪ ତାରିଖରେ ସରିବ ବୋଲି ସୂଚନା ମିଳିଛି।

# ଥମ୍ପସନ୍ ମହିଳା ପ୍ରଶିକ୍ଷଣ ଅନୁଷ୍ଠାନର ବାର୍ଷିକ ଉତ୍ସବ



**କଟକ, ୧୫।୨(ସମିସ):** ମିଶନରୋଡ୍ ସ୍ଥିତ ଥମ୍ପସନ୍ ମହିଳା ପ୍ରଶିକ୍ଷଣ ଅନୁଷ୍ଠାନର ବାର୍ଷିକ ଉତ୍ସବ ଅନୁଷ୍ଠାନ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏହି ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଓଡ଼ିଶା ରାଜ୍ୟ ସୂଚନା ଆୟୁକ୍ତ ସୁଶାନ୍ତ କୁମାର ମହାନ୍ତି, ମୁଖ୍ୟବକ୍ତା ଡା. ଶୈଳେଶ୍ୱର ନନ୍ଦ (ଭଞ୍ଜ ସାହିତ୍ୟ ପ୍ରବକ୍ତା) ଏବଂ ସମ୍ମାନିତ ଅତିଥି ଭାବେ ବାଇଶୋପ ଡାୟୋସିସ୍ ଅଫ କଟକ ତଥା ଥମ୍ପସନ୍ ମହିଳା ପ୍ରଶିକ୍ଷଣ ଅନୁଷ୍ଠାନର ସଭାପତି ରାଇଟ୍ ରେଭରେଣ୍ଡ ସୁରେନ୍ଦ୍ର କୁମାର ନନ୍ଦ ଉଦବୋଧନ ଦେବା ସହ କୃତୀ ଗୁରୁଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ଅସୀମାଜୀ ଯାଚକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରଧାନଶିକ୍ଷୟିତ୍ରୀ ଅନୁଷ୍ଠାନର ବାର୍ଷିକ ବିବରଣୀ ପାଠ କରିଥିଲେ। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ମହିଳା ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିଥିଲେ।

# କୃଷି ସଂଶାଧନ କେନ୍ଦ୍ର ଉଦ୍‌ଘାଟିତ

**କଣ୍ଟାପଡ଼ା, ୧୫।୨(ସମିସ):** କଣ୍ଟାପଡ଼ା ବ୍ଲକ ବ୍ରାହ୍ମଣସାଇଲୋସ୍ଥିତ ସ୍ୱେଚ୍ଛାସେବୀ ସଂଗଠନ 'ରୋଜା' ମାଧ୍ୟମରେ ମହିଳା ସଶକ୍ତିକରଣ ନିମନ୍ତେ ଗଢ଼ି ଉଠିଥିବା କୃଷି ସଂଶାଧନ କେନ୍ଦ୍ର ଆନୁଷ୍ଠାନିକ ଭାବରେ ଓରମାସ୍‌ର ଯୁଗ୍ମ ସିଇଓ ବିପିନ୍ ବିହାରୀ ରାଉତଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ନୂଆଦିଲ୍ଲୀସ୍ଥିତ ଏଫ୍‌ଡିଆରଭିସିର ଆଞ୍ଚଳିକ ସଂଯୋଜକ ଅଭିଳାଷ ତିର୍କୀ, ରାଜ୍ୟ ଓରମାସ୍ କାର୍ଯ୍ୟାଳୟର ଉପମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ମଧୁସ୍ମିତା ସାହୁ, ଆଇଟି ସେଲ୍‌ଫର ଏମ୍‌ଆଇଏସ୍‌ର ବିଶେଷଜ୍ଞ ରଞ୍ଜନ ଆଚାର୍ଯ୍ୟ, କଟକ ଜିଲ୍ଲା ଓରମାସର ଉପମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୋନାଲି ମଜୁମ୍‌ଦାର, ଓରମାସ୍ ମୁଖ୍ୟ କାର୍ଯ୍ୟାଳୟର ଲିଭ୍‌ଲିହୁଡ୍ ବିଶେଷଜ୍ଞ ସୌମ୍ୟାଶ୍ରୀ ପାତ୍ର, ଟାଟା ଷ୍ଟିଲ୍ ଫାଉଣ୍ଡେସନ୍‌ର ଆଶୁତୋଷ ଦାସ ଓ ଯାଜ୍ଞସେନୀ ବର୍ମା ପ୍ରମୁଖ ଯୋଗଦେଇଥିଲେ। 'ରୋଜା' ଅନୁଷ୍ଠାନର ସଭାପତି ସଞ୍ଜିତ ରାଉତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମ୍ପାଦିକା ରୋଜାଲିନ୍ ବେହେରା ଉକ୍ତ କୃଷି ସଂଶାଧନ କେନ୍ଦ୍ରର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। 'ପ୍ରାଚୀ ଏଫ୍‌ପିଓ'ରେ କଣ୍ଟାପଡ଼ା ବ୍ଲକର ବ୍ରାହ୍ମଣସାଇଲୋ, ପାଟସୁନ୍ଦରପୁର, ଗୋବିନ୍ଦପୁର, ଝାରପଡ଼ା, ସାଇଲୋ




ଝାରପଡ଼ା, ଉତ୍ତାରଣ, ବାଗଲପୁର, କଣ୍ଟାପଡ଼ା ଓ ନାହାଳପୁର ଆଦି କ୍ଲଷ୍ଟରରୁ ପ୍ରାୟ ୩୦୦ ମହିଳା ଚାଷୀ ପଞ୍ଜିକୃତ କରିଥିବା ବେଳେ କୃଷି ମାଧ୍ୟମରେ ସେମାନଙ୍କ ଆର୍ଥିକ ମାନଦଣ୍ଡକୁ ସୁଦୃଢ଼ କରିବା ନିମନ୍ତେ ଏହି ସଂଶାଧନ କେନ୍ଦ୍ର ସହାୟତା ଯୋଗାଇଦେବ। କାର୍ଯ୍ୟକ୍ରମରେ ୬୦ ମହିଳା ଚାଷୀ ଓ ବୋର୍ଡ ଅଫ୍ ଡାଇରେକ୍ଟର ଯୋଗଦେଇଥିଲେ।

# ଡାକ୍ତରୀ ଉପକରଣ ପ୍ରଦାନ



**ଚୌଦ୍ୱାର, ୧୫।୨(ସମିସ):** ଚୌଦ୍ୱାର ପ୍ରେସ୍ କ୍ଲବ୍ ତରଫରୁ ଚାରବାଟିଆ ହାଉସିଂବୋର୍ଡ଼ସ୍ଥିତ ବରିଷ୍ଠ ନାଗରିକ କ୍ଲବ୍‌କୁ ବିଭିନ୍ନ ଡାକ୍ତରୀ ଉପକରଣ ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ବରିଷ୍ଠ ନାଗରିକ କ୍ଲବ୍‌ରେ ବୁଧବାର ସଂଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, କାଉନସିଲର ସୁବ୍ରତ ସାମଲ, କାଉନସିଲର ଆଶୁତୋଷ ଦାସ ପ୍ରେସ୍ କ୍ଲବ୍‌ର ସଦସ୍ୟ ଗଙ୍ଗାଧର ସାହୁ ପ୍ରମୁଖ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କ ପାଇଁ ଓଜନ ମେସିନ୍, ରକ୍ତଚାପ ପରୀକ୍ଷା ମେସିନ୍, ଅକ୍ସିମିଟର ଆଦି ଯନ୍ତ୍ରପାତି ପ୍ରଦାନ କରିଥିଲେ। ବରିଷ୍ଠ ନାଗରିକ କ୍ଲବ୍ ସଭାପତି ପ୍ରତାପ ସାମଲ, ସମ୍ପାଦକ ସୁଶାନ୍ତ ସାହୁ, କୋଷାଧ୍ୟକ୍ଷ ଅଜୟ ସ୍ୱାଇଁଙ୍କ ସମେତ କ୍ଲବ୍‌ର ସମସ୍ତ ସଦସ୍ୟ ଏଥିରେ ଉପସ୍ଥିତ ଥିଲେ।

# ରାଜକିଶୋର ରାମଙ୍କୁ ଶ୍ରଦ୍ଧାଞ୍ଜଳି




**କଟକ, ୧୫।୨(ସମିସ):** ପୂର୍ବତନ ବିଧାୟକ ରାଜକିଶୋର ରାମଙ୍କ ୮ମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଟାଙ୍ଗୀଠାରେ ସ୍ୱର୍ଗତ ରାମଙ୍କ ନାମରେ ନାମିତ 'ଶିଶୁ ଉଦ୍ୟାନ'ରେ ସ୍ଥାପିତ ପ୍ରତିମୂର୍ତ୍ତିରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦଚନ୍ଦ୍ର ରଥ ମାଲ୍ୟାର୍ପଣ କରିଥିଲେ। ଡ. ରଥ ସ୍ୱର୍ଗତ ରାମଙ୍କ ବାସଭବନକୁ ଯାଇ ତାଙ୍କ ପତ୍ନୀ ଓ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇଥିଲେ। ଜିଲ୍ଲା ପରିଷଦ ସଦସ୍ୟ ଚିତ୍ତରଞ୍ଜନ ସାମଲ, ପ୍ରଶାସକ ବଳରାମ କର, ରମେଶ ବେହେରା, କମଳାକାନ୍ତ ମଲ୍ଲିକ, ରବୀନ୍ଦ୍ର ମଲ୍ଲିକ, ଆକାଶ ପାତ୍ର, ଚିନ୍ମୟ ଶତପଥୀ, ରବୀନ୍ଦ୍ର ଲେଙ୍କା, ଶିବପ୍ରିୟ ରାମ, ବାପୁ ପ୍ରିୟ ରଘୁପତି ରାମଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସ୍ୱର୍ଗତ ରାମଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

● ଚିତ୍ତରଞ୍ଜନ ରଶ୍ମିରଞ୍ଜନ ସ୍ମାରକୀ କ୍ରିକେଟ୍

# ଫାଇନାଲରେ ପାରାମାଉଣ୍ଟ ଓ ଶ୍ରୀଜୟଦେବ ସ୍ପୋର୍ଟିଂ

**ଫୁଲନଖରା, ୧୫।୨(ସମିସ):** କୁରାଙ୍ଗଶାସନସ୍ଥିତ ମିନି ଷ୍ଟାଡିୟମରେ କଟକ ଜିଲ୍ଲା ଆଥ୍‌ଲେଟିକ୍ ଆସୋସିଏସନ୍ ଦ୍ୱାରା ସହବନ୍ଧିତ ସିଦ୍ଧେଶ୍ୱର ସ୍ପୋର୍ଟିଂ ଆନୁକୂଲ୍ୟରେ ଚିତ୍ତରଞ୍ଜନ ରଶ୍ମିରଞ୍ଜନ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଚୂଡାନ୍ତ ପର୍ଯ୍ୟାୟରେ ଭୁବନେଶ୍ୱର ପାରାମାଉଣ୍ଟ କ୍ରିକେଟ୍ କ୍ଲବ ଓ ନହରକଣ୍ଟା ଶ୍ରୀଜୟଦେବ ସ୍ପୋର୍ଟିଂ କ୍ଲବ ମଧ୍ୟରେ ଖେଳାଯିବ। ବିଜୟୀ ଦଳକୁ ଅର୍ଥରାଶି ୩୦ ହଜାର ଟଙ୍କା ଓ ବିଜେତା ଟ୍ରଫି ଏବଂ ଉପବିଜେତା ଦଳକୁ ୨୦ହଜାର ଟଙ୍କା ଓ ଉପବିଜେତା ଟ୍ରଫି ପ୍ରଦାନ କରାଯିବା ସହ ମ୍ୟାନ୍ ଅଫ୍ ଦି ସିରିଜ୍, ମ୍ୟାନ୍ ଅଫ୍ ଦି ମ୍ୟାଚ, ବେଷ୍ଟ ବ୍ୟାଟସ୍‌ମ୍ୟାନ, ବେଷ୍ଟ ବୋଲର, ବେଷ୍ଟ ଫିଲ୍‌ଡରଙ୍କୁ ଅର୍ଥରାଶି ସହ ଆକର୍ଷଣୀୟ ପୁରସ୍କାର ପ୍ରଦାନ କରାଯିବ ବୋଲି ସିଦ୍ଧେଶ୍ୱର ସ୍ପୋର୍ଟିଂ କ୍ଲବର ସଭାପତି ଧିରଜ ଜେନା ପ୍ରକାଶ କରିଥିଲେ। ଅତିଥି ଭାବରେ ନିଆଳି ବିଧାୟକ ଛବି ମଲ୍ଲିକ, ସ୍ୱର୍ଶ ହସ୍ପିଟାଲର ସିଏମ୍‌ଡି ଡ. ପ୍ରିୟବ୍ରତ ଧିର, ପେଟାଲ୍‌ସ ଇଣ୍ଟରନ୍ୟାସନାଲ ସ୍କୁଲର ଟ୍ରଷ୍ଟି ଡ. ପ୍ରିୟଦର୍ଶିନୀ ରଥ, ଉପଦେଷ୍ଟା ଅଶ୍ୱିନୀ ମହାପାତ୍ର, ସ୍ଥାନୀୟ ସରପଞ୍ଚ ରୋହିଣୀ ଭୋଇ ଯୋଗଦେବେ ବୋଲି ସମ୍ପାଦକ ବିଶ୍ୱଜିତ୍ ବେହେରା, ଯୁଗ୍ମ ସମ୍ପାଦକ ମାୟାଧର ରାଉତ, କୋଷାଧ୍ୟକ୍ଷ ସାଗର ମହାରଣା ଓ ଓସିଏ ଦ୍ୱାରା ନିୟୋଜିତ କ୍ରିକେଟ୍ ପ୍ରଶିକ୍ଷକ ପ୍ରଶାନ୍ତ ମଲ୍ଲିକ ପ୍ରମୁଖ ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରିଥିଲେ।

# ମନୋରମାଙ୍କ ବ୍ୟକ୍ତିତ୍ୱ ଥିଲା ପ୍ରଭାବଶାଳୀ

## ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ତୈଳଚିତ୍ର ଉନ୍ମୋଚନ

କଟକ, ୧୫।୨(ସମିସ)




ଉତ୍କଳ ସାହିତ୍ୟ ସମାଜର ପୂର୍ବତନ ସମ୍ପାଦିକା, ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ତଥା ସମାଜର ପୂର୍ବତନ ସମ୍ପାଦିକା ମନୋରମା ମହାପାତ୍ର ଥିଲେ ସାରସ୍ୱତ ପ୍ରତିଭାର ଅଧିକାରିଣୀ। ତାଙ୍କ ରଚନା ଓ ବକ୍ତବ୍ୟ ଥିଲା ବେଶ୍ ପ୍ରଭାବଶାଳୀ। ସମ୍ବାଦପତ୍ରର ସମ୍ପାଦନା ଓ ସାରସ୍ୱତ ସାଧନା ପାଇଁ ସେ ସଦା ସ୍ମରଣୀୟ ହୋଇ ରହିବେ ବୋଲି ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ସାରସ୍ୱତ ସାଧିକା ମନୋରମା ମହାପାତ୍ରଙ୍କ ତୈଳଚିତ୍ର ଉନ୍ମୋଚନ ଉତ୍ସବରେ ଯୋଗଦେଇ ଅତିଥିମାନେ ମତପ୍ରକାଶ କରିଛନ୍ତି।

ଶନିବାର ସଂଧ୍ୟାରେ ଉତ୍କଳ ସାହିତ୍ୟ ସମାଜର ଶ୍ରୀରାମଚନ୍ଦ୍ର ଭବନଠାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ରୂପେ ଯୋଗଦେଇ କଟକ ସାଂସଦ ଭର୍ତ୍ତୃହରି ମହତାବ ଶ୍ରୀମତୀ ମହାପାତ୍ରଙ୍କ ସହ ଥିବା ଘନିଷ୍ଠ ସମ୍ପର୍କ ଉଲ୍ଲେଖ କରି ତାଙ୍କର ସାଧନାମୟ ଜୀବନର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନନୀୟ ଅତିଥିଭାବେ ବିଶିଷ୍ଟ ଶିକ୍ଷାବିତ୍ ତଥା ସାରସ୍ୱତ ସାଧକ ଦାଶ ବେନହୁର ମନୋରମା ଦେବୀଙ୍କ ବ୍ୟକ୍ତିତ୍ୱ ସାରସ୍ୱତ ସାଧନା ବିଶେଷ କରି ଶିଶୁସାହିତ୍ୟ କ୍ଷେତ୍ରରେ ତାଙ୍କର ଯୋଗଦାନ ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ବିଶିଷ୍ଟ ସାମ୍ବାଦିକ ଡକ୍ଟର ସତ୍ୟ ରାୟ ସାମ୍ବାଦିକତା ଓ ସେବାକ୍ଷେତ୍ରରେ ମନୋରମା ମହାପାତ୍ରଙ୍କ ଅବଦାନ ସମ୍ପର୍କରେ ଉଲ୍ଲେଖ କରିଥିଲେ। ମନୋରମା ମହାପାତ୍ରଙ୍କ ସୁକନ୍ୟା ଶ୍ୱେତପଦ୍ମା ଦାଶ ମା'ଙ୍କ ସହ ଅନୁଭୂତିକୁ ପ୍ରକାଶ କରିଥିଲେ। ଅନୁଷ୍ଠାନର ସଭାପତି ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ତୈଳଚିତ୍ର ଉନ୍ମୋଚନ ଉତ୍ସବରେ ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ସଂଗଠନ ସମ୍ପାଦକ ଡକ୍ଟର ସୁନାମଣି ରାଉତ ଓ ସାଧାରଣ ସମ୍ପାଦକ ପ୍ରାଧ୍ୟାପକ ଆଦିତ୍ୟ ପ୍ରତାପ ଧଳ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟନିର୍ବାହିକା ସମିତିସଭ୍ୟ ଦିଲ୍ଲୀପ ଦାସ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ବ୍ରହ୍ମାନନ୍ଦ ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ। ଶ୍ରୀମତୀ ମହାପାତ୍ରଙ୍କ ଜ୍ୟେଷ୍ଠପୁତ୍ର ପ୍ରଦୀପ ମହାପାତ୍ର ଓ ଜ୍ୱାଇଁ ଜ୍ଞାନରଞ୍ଜନ ଦାସ, ଉତ୍କଳ ସାହିତ୍ୟ ସମାଜର ପାଠାଗାର ସମ୍ପାଦକ ବ୍ରହ୍ମାନନ୍ଦ ବିଶ୍ୱାଳ, କୋଷାଧ୍ୟକ୍ଷ ଶିବାଶିଷ କର, କାର୍ଯ୍ୟନିର୍ବାହିକା ସମିତିସଭ୍ୟ ଶଶିକାନ୍ତ ରାଉତ, ରାଧାଶ୍ୟାମ ରାଉଳ, ମୁରଲୀଧର ଶତପଥୀ ପ୍ରମୁଖ ଯୋଗଦେଇଥିଲେ। ଶରତଚନ୍ଦ୍ର ଶତପଥୀ ଓ ସୁଧୀରରଞ୍ଜନ ଦାଶ ସହଯୋଗ କରିଥିଲେ।

● ଜିଲ୍ଲାସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଭୁବନେଶ୍ୱରକୁ ହରାଇ ଫାଇନାଲରେ ରାଉରକେଲା



**ନରସିଂହପୁର, ୧୫।୨(ସମିସ):** ନରସିଂହପୁର ବ୍ଲକ ଅନ୍ତର୍ଗତ ପାଇକପଡ଼ା ପାଟଣାସ୍ଥିତ ରେଞ୍ଜର ପଡ଼ିଆରେ ନରସିଂହପୁର କ୍ରିକେଟ୍ କ୍ଲବ୍ ଆନୁକୂଲ୍ୟରେ ନରସିଂହପୁର କପ୍ ଆୟୋଜିତ ହୋଇଯାଇଛି। ଏଥିରେ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ସେମିଫାଇନାଲ ମ୍ୟାଚ ପାରାମାଉଣ୍ଟ କ୍ରିକେଟ କ୍ଲବ ବନାମ ଆଶୁ ଇଲେଭେନ୍ ରାଉରକେଲା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଆଶୁ ଇଲେଭେନ୍ ରାଉରକେଲା ପ୍ରଥମେ ଟସ୍ ଜିଣି ପ୍ରଥମେ ବ୍ୟାଟିଂ ଆରମ୍ଭ କରିଥିଲେ। ଆଶୁ ଇଲେଭେନ୍ ରାଉରକେଲା ୨୦ ଓଭର ୯ଟି ୱିକେଟ୍ ହରାଇ ୧୬୮ ରନ୍ କରିଥିଲେ। ଏହାର ଜବାବରେ ପାରାମାଉଣ୍ଟ କ୍ରିକେଟ କ୍ଲବ ୨୦ ଓଭରରେ ୭ଟି ୱିକେଟ୍ ହରାଇ ୧୪୩ ରନ୍ ସଂଗ୍ରହ କରି ପରାସ୍ତ ହୋଇଥିଲା। ଆଶୁ ଇଲେଭେନ୍ ରାଉରକେଲା ଅଧିନାୟକ ଶୁଭମ୍ ରାଉତରାୟ ୩୬ଟି ବଲରେ ୬୨ରନ୍ କରି ମ୍ୟାନ୍ ଅଫ ଦି ମ୍ୟାଚ୍ ଘୋଷିତ ହୋଇଥିଲେ। ମ୍ୟାନ ଅଫ ଦି ମ୍ୟାଚ୍ ଶୁଭମ୍ ରାଉତରାୟଙ୍କୁ ସମାଜସେବୀ ଶକ୍ତି ମିଶ୍ର ଟ୍ରଫି ପ୍ରଦାନ କରିଥିଲେ। ମୁଖ୍ୟଅତିଥିଭାବେ ନରସିଂହପୁର ତହସିଲଦାର ବିଶ୍ୱରଞ୍ଜନ ବିଶ୍ୱାସ, ସମ୍ମାନିତ ଅତିଥିଭାବେ ସଦର ରାଜସ୍ୱ ନିରୀକ୍ଷକ ପ୍ରସନ୍ନଜିତ୍ ମହାନ୍ତି, ପୂର୍ବତନ ସରପଞ୍ଚଙ୍କ ପ୍ରତିନିଧି ବାଇଧର ସାହୁ, ବନ୍ଧହୁଡା ଗ୍ରାମପଞ୍ଚାୟତ ସମିତିସଭ୍ୟ ସୁରେଶ ନାୟକ, ଓସ୍ତନାରାୟଣୀପୁର ଗ୍ରାମର ସଭାପତି ଦିଗାମ୍ବର ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଦୁର୍ଗା ପଟ୍ଟନାୟକ ଓ ସଞ୍ଜୟ ଶତପଥୀ ପରିଚାଳନା କରିଥିବାବେଳେ ବିବେକାନନ୍ଦ ବେହେରା ଓ ସଂଗ୍ରାମ କେଶରୀ ରାଉତ ସ୍କୋରିଂରେ ସାହାଯ୍ୟ କରିଥିଲେ। ରିଙ୍କୁ ରଣା, କାହ୍ନୁଚରଣ ନାୟକ ମ୍ୟାଚର ଧାରାବିବରଣୀ ଦେଉଥିବା ବେଳେ ବିନାୟକ ପ୍ରଧାନ, ଶେଖ ସବିବ, ହରୁନ୍ ଖାଁ, ଦୌଲତ ଖାଁ, ଗଙ୍ଗା ନାୟକ, ଅକ୍ଷୟ ସାହୁ, ମାଗବୁଲ ଖାଁ, ରାକେଶ ନାୟକ, ପୁପୁନ ସ୍ୱାଇଁ ସହଯୋଗ କରିଥିଲେ।

